

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୨ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 02 JANUARY 2021

Vol.No. 31 ■ No. 02 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଉନ୍ନୟନ କମିସନର ଭାବେ ଦାୟିତ୍ୱ ନେଲେ ପ୍ରଦୀପ ଜେନା

ଭୁବନେଶ୍ୱର,୦୧।୦୧ (ନି.ପ୍ର): ନୂତନ ଉନ୍ନୟନ କମିସନର ଭାବେ ବରିଷ୍ଠ ଆଇଏଏସ୍ ଅଧିକାରୀ ପ୍ରଦୀପ କୁମାର ଜେନା ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ଜେନା କହିଛନ୍ତି ଯେ ଗତ ୨୦୨୦ ବର୍ଷରେ ଯେଉଁ ଦୁଃଖ ଦେଖିଛେ ମହାପ୍ରଭୂ ଜଗନ୍ନାଥ ତାହାକୁ ଦୂରେଇ ଦିଅନ୍ତୁ। ଓଡିଶାର ପ୍ରଗତିରେ ମହାପ୍ରଭୂ ସହାୟ ହୁଅନ୍ତୁ ଏବଂ ଓଡିଶାବାସୀ ସୁଖ ଶାନ୍ତି ଏବଂ ଭଲ ସ୍ୱାସ୍ଥ୍ୟ ସହିତ ଜୀବନଯାପନ କରନ୍ତୁ । ଶ୍ରୀ ଜେନା ପୂର୍ବରୁ ଏସଆରସି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭଳି ଦାୟିତ୍ୱ ତୁଲାଇ ସାରିଛନ୍ତି। ସୁରେଶ ମହାପାତ୍ର ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଅବସ୍ଥାପିତ ହେବା ପରେ ୧୯୮୯ ବ୍ୟାଚର ଆଇଏଏସ୍ ପ୍ରଦୀପ ଜେନା ନୂଆ ଉନ୍ନୟନ କମିସନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ବିଧାନସଭାର ସମସ୍ତ ଫାଇଲ୍ କାର୍ଯ୍ୟ ଅନ୍‌ଲାଇନ୍ ମୋଡ୍‌ରେ

ଭୁବନେଶ୍ୱର,୦୧।୦୧ (ନି.ପ୍ର): ଓଡ଼ିଶା ବିଧାନସଭାର ସମସ୍ତ ଫାଇଲ୍ କାର୍ଯ୍ୟ ଶୁକ୍ରବାରଠାରୁ ଅନ୍‌ଲାଇନ୍ ମୋଡ୍ ରେ ହେବ । ଓସ୍ୱାସ୍ ତରଫରୁ ବିଧାନସଭାର ସମସ୍ତ ଫାଇଲ୍ କାର୍ଯ୍ୟ ଡିଜିଟାଲ୍ ହେବ ଏବଂ ଏତଦ୍ୱାରା ଫାଇଲ୍ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବ । ଏହି ବ୍ୟବସ୍ଥାକୁ ଶୁକ୍ରବାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଦାଶରଥୀ ଶତପଥୀ, ଉପଶାସନ ସଚିବ ମଟରାଜ ଡୁଙ୍ଗଡୁଙ୍ଗ୍, ଓସ୍ୱାସ୍ ନିର୍ବାହୀ ଅଧିକାରୀ ଲିଲାନ୍ଦ୍ରି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

କରୋନାରୁ ସୁସ୍ଥ ହେଲେ ଆଉ ୩୦୧

ଭୁବନେଶ୍ୱର,୦୧।୦୧ (ନି.ପ୍ର): ରାଜ୍ୟରୁ ଶୁକ୍ରବାର ଦିନ ଆଉ ୩୦୧ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହ ରାଜ୍ୟର ମୋଟ ସୁସ୍ଥଙ୍କ ସଂଖ୍ୟା ୩୨୫୭୩୩କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ଏହି ସୂଚନା ଦେଇଛି। ଆଜି ରାଜ୍ୟର ସୁନ୍ଦରଗଡ଼ ଜିଲ୍ଲାରୁ ୫୮ଜଣ, ଅନୁଗୁଳ ଜିଲ୍ଲାରୁ ୪୧ଜଣ, ନୂଆପଡ଼ାରୁ ୨୭ଜଣ, ଖୋର୍ଧାରୁ ୨୦ଜଣ, ସମ୍ବଲପୁରରୁ ୧୯ଜଣ, ମୟୂରଭଞ୍ଜରୁ ୧୮ଜଣ, କଟକରୁ ୧୫ଜଣ, ପୁରୀରୁ ୧୫ଜଣ, ବଲାଙ୍ଗୀରରୁ ୧୪ଜଣ, କେନ୍ଦ୍ରାପଡ଼ାରୁ ୧୩ଜଣ, ବାଲେଶ୍ୱରରୁ ୧୧ଜଣ, ଯାଜପୁରରୁ ୯ଜଣ, ବରଗଡ଼ରୁ ୭ଜଣ, କେନ୍ଦୁଝରରୁ ୫ଜଣ, ଗଞ୍ଜାମରୁ ୪ଜଣ, ଜଗତସିଂହପୁରରୁ ୩ଜଣ, ଝାରସୁଗୁଡ଼ାରୁ୩ଜଣ, କଳାହାଣ୍ଡିରୁ ୨ଜଣ, ନୟାଗଡ଼ରୁ ୨ଜଣ, ଦେବଗଡ଼ରୁ ଜଣେ, ଗଜପତିରୁ ଜଣେ, କୋରାପୁଟରୁ ଜଣେ, ନ ବ ର ଙ୍ଗ ପ ୁ ର ର ୁ ଜଣେ,ରାୟଗଡ଼ାରୁ ଜଣେ ଓ ଷ୍ଟେଟପୁଲରୁ ୧୦ଜଣ ଲେଖାଏଁ କରୋନା ଆକ୍ରାନ୍ତ ଆଜି ସୁସ୍ଥ ହୋଇଛନ୍ତି।

ପୁରୀରେ ଆନ୍ତର୍ଜାତିକ ବିମାନ ବନ୍ଦର ପ୍ରତିଷ୍ଠା ଲାଗି ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପତ୍ର

ଭୁବନେଶ୍ୱର,୦୧।୦୧ (ନି.ପ୍ର): ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା କରାଯାଉ। ଏହି ଅନୁରୋଧ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ସେ ଏହି ପତ୍ରରେ ସେ ଲେଖିଛନ୍ତି ଯେ ହିନ୍ଦୁ ଧର୍ମର ଚାରିଧାମ ମଧ୍ୟରୁ ଜଗନ୍ନାଥଧାମ ଅନ୍ୟତମ। ଏଠାକୁ ସମଗ୍ର ବିଶ୍ୱରୁ ହିନ୍ଦୁମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଆସିଥାନ୍ତି। ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା କରା ଯାଉ । ସେ ଏହି ଚିଠିରେ ଉଲ୍ଲେଖ କରିଛନ୍ତି ଯେ ପୁରୀଠାରୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ କୋଣାର୍କର ସୂର୍ଯ୍ୟ ମନ୍ଦିର ମାତ୍ର ୩୫ କିଲୋମିଟର ଦୂର। ପୁରୀ ସହ ରାମଚଣ୍ଡୀ ଓ ଚନ୍ଦ୍ରଭଗା ବେଳାଭୂମି ସଂଲଗ୍ନ ରହିଛି। ଏହାଛଡ଼ା ଜାତୀୟ ଭିତରକନିକା ଜାତୀୟ ଉଦ୍ୟାନ, ରତ୍ନଗିରି ଓ ଧଉଳି ଭଳି ପ୍ରସିଦ୍ଧ ବେ ?ଦ୍ଧପୀଠ ବି ଏହା ନିକଟରେ ରହିଛି।ଏହା ଜାତୀୟ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ପ୍ରଦାନ କରେ। ନୂତନ ଅର୍ଥନୈତିକ କାର୍ଯ୍ୟକଳାପ ଦିଗରେ ଅନ୍ତର୍ଜାତୀୟ ବିମାନବନ୍ଦର ଯଥେଷ୍ଟ ସହାୟକ ହେବ ବୋଲି ସେ ଦର୍ଶାଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାର ପୁରୀରେ ଜାଗା ଚିହ୍ନଟ କରିସାରିଛନ୍ତି। ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ଲାଗି ଓଡ଼ିଶା ସରକାର ସମସ୍ତ ପ୍ରକାରର ସହଯୋଗ କରାଯିବ ବୋଲି ବି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଆଇଆଇଏମର ସ୍ଥାୟୀ କ୍ୟାମ୍ପସ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୦୧।୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶନିବାର ପୂର୍ବାହ୍ନ ୧୧ଟା ସମୟରେ ଭିଡିଓ କନଫରେନ୍ସିଂ ଜରିଆରେ ଆଇଆଇଏମ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଶ୍ରୀ ରମେଶ ପୋଖରିୟାଲ 'ନିଶଙ୍କ', ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହିବେ। ଏହି ସମାରୋହରେ ଭର୍ଚୁଆଲ ମାଧ୍ୟମରେ ୫୦୦୦ରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହେବେ। ଏମାନଙ୍କ ମଧ୍ୟରେ ରହିଛନ୍ତି ଅଧିକାରୀ, ଶିକ୍ଷ ନେତୃବର୍ଗ, ଶିକ୍ଷାବିତ ଓ ଛାତ୍ରଛାତ୍ରୀ, ଆଇଆଇଏମ ସମ୍ବଲପୁରର ପୂର୍ବତନ ଛାତ୍ରଛାତ୍ରୀ ଓ ଶିକ୍ଷକଗଣ। ଫ୍ଲିପଡ କ୍ଲାସରୁମ ପଦ୍ଧତିକୁ କାର୍ଯ୍ୟକାରୀ କରିବାରେ ଆଇଆଇଏମ ସମ୍ବଲପୁର ହେଉଛି ପ୍ରଥମ ଆଇଆଇଏମ। ▶▶ପୃଷ୍ଠା ୭

ଆସନ୍ତାକାଲିଠାରୁ କରୋନା ଟିକାର ଡ୍ରାଏ ରନ୍

ଭୁବନେଶ୍ୱର,୦୧।୦୧ (ନି.ପ୍ର): ଆସନ୍ତାକାଲି (ଶନିବାର)ଠାରୁ ରାଜ୍ୟରେ କରୋନା ଟିକାର ଡ୍ରାଏ ରନ୍ । ପ୍ରାଥମିକ ପର୍ଯ୍ୟାୟରେ ୩ ଲକ୍ଷ ୭୦ ହଜାର ସ୍ୱାସ୍ଥ୍ୟକର୍ମୀଙ୍କୁ କରୋନା ଭାକ୍ସିନ ଦିଆଯିବ । ଟିକାର ଡ୍ରାଏ ରନ୍ କରିବା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ବନ୍ଦୋବସ୍ତ କରିଛନ୍ତି ବୋଲି ଡିଏମ୍‌ଇଟି ଡା. ସିବିକେ ମହାନ୍ତି ସୂଚନା ଦେଇଛନ୍ତି । ଏସମ୍ପର୍କରେ ଡା. ବିଜୟ ଶଙ୍କର ପାଣିଗ୍ରାହୀ କହିଛନ୍ତି ଯେ ଆସନ୍ତା କାଲି ୩୧ଟି ସ୍ଥାନରେ ଡ୍ରାଏ ରନ ହେବ। ଏଥିପାଇଁ ୩୦ଟି ଜିଲ୍ଲା ମୁଖ୍ୟାଳୟ ଏବଂ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ପ୍ରସ୍ତୁତି ହୋଇଛି। ଗୋଟିଏ କେନ୍ଦ୍ରରେ ୨୫ ଜଣ ଙ୍କୁ ନେଇଇ ଡ୍ରାଏ ରନ ହେବ। ଟିକା ଆସିଲେ ପ୍ରଥମେ ରାଜ୍ୟ ଟିକା ଷ୍ଟୋର ରେ ରହିବ, ତା ପରେ ସେଠାରୁ ୯ଟିଆଂଚଳିକ ଟିକା ଷ୍ଟୋରକୁ ପାଠାଯି ବ। ▶▶ପୃଷ୍ଠା ୭

ଗୋଟିଏ ମିସଡ୍ କଲରେ ପହଞ୍ଚିବ ଗ୍ୟାସ : ଶୁଭାରମ୍ଭ କଲେ ଧର୍ମେନ୍ଦ୍ର

୮୪୫୪୯୫୫୫୫୫ ନମ୍ବରରେ ଗୋଟିଏ ମିସକଲ୍ ଦେଲେ ମିଳିବ ସୁବିଧା

ଭୁବନେଶ୍ୱର,୦୧।୦୧ (ନି.ପ୍ର): ଏଣିକି ଗୋଟିଏ ମିସ୍‌ଡ କଲରେ ଏଲିପିଜି ଗ୍ୟାସ୍ ରିଫିଲିଂ ବୁକିଂ ହୋଇପାରିବ। କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଦିନ ଭୁବନେଶ୍ୱରରେ ଇଣ୍ଡିଆନ ଅଏଲ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ସୁବିଧାର ଆରମ୍ଭ କରିଛନ୍ତି। ଗ୍ୟାସ ବୁକିଂ କରିବା ପାଇଁ ଗ୍ରାହକଙ୍କୁ ୮୪୫୪୯୫୫୫୫୫ ନମ୍ବରରେ ମିସ୍‌ଡ କଲ ଦେବାକୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡ଼ିଜିଟାଲ ଇଣ୍ଡିଆର ସ୍ୱପ୍ନ ସାକାର କରିବା ଏହି ଅବସରରେ ଶ୍ରୀ ପ୍ରଧାନ ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ସମେତ ଦେଶର ୭ଟି ବଡ଼ ସହର ଯଥା ଚେନ୍ନାଇ, ବାଙ୍ଗାଲୋର, ହାଇଦ୍ରାବାଦ, କୋଲକତା, କୋଚି, ଇନ୍ଦୋର ସହରରେ ଇଣ୍ଡିଆନ ଅଏଲ ଦ୍ୱାରା ବିକଶିତ ଦେଶର ପ୍ରଥମ ବିଶ୍ୱସ୍ତରୀୟ ପ୍ରିମିୟମ ଗ୍ରେଡ୍ ପେଟ୍ରୋଲ 'ଅକ୍ସେନ ୧୦୦' ତଥା ଏକ୍ସପି ୧୦୦ର ପ୍ରଚଳନର ଶୁଭାରମ୍ଭ କରିଛନ୍ତି । ସେହିପରି ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଆସାମର ଦିଗବୋଇ ବିଶୋଧନାଗାରରୁ ଏକ୍ସପି ୧୦୦ର ପ୍ରଥମ ବ୍ୟାଚକୁ ସବୁଜ ପତକା ପ୍ରଦର୍ଶନ ଦ୍ୱାରା ଶୁଭାରମ୍ଭ ମଧ୍ୟ ହୋଇଯାଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଇଜ୍ ଅଫ୍ ଲିଭିଂକୁ ସର୍ବାଧିକ ପ୍ରାଥମିକତା ଦେଇଥିବା ବେଳେ ଆଜି ଭୁବନେଶ୍ୱରରୁ ରାଷ୍ଟ୍ରୀୟ ସୁବିଧାର ଉପଲବ୍ଧ ହେବା ଏହାର ବଡ଼ ଉଦାହରଣ । ▶▶ପୃଷ୍ଠା ୭

ଭିଜିଲାନ୍ସ ଜାଲରେ ବାଲେଶ୍ୱର ସବ୍-ରେଜିଷ୍ଟ୍ରାର

ଘର ଫେରନ୍ତା ଗାଡ଼ିରୁ ୨.୨୩ ଲକ୍ଷ ଜବତ

ବାଲେଶ୍ୱର,୦୧।୦୧ (ନି.ପ୍ର): ସପ୍ତାହାନ୍ତରେ ପୈତୃକ ସ୍ଥାନ ପୁରୀକୁ ଯାଉଥିବା ବେଳେ ବାଲେଶ୍ୱର ସବ-ରେଜିଷ୍ଟ୍ରାର ରଂଜନ ଦାସଙ୍କ କାରରୁ ୨ଲକ୍ଷ ୨୩ ହଜାର ଟଙ୍କା ଭିଜିଲାନ୍ସ ଟିମ ଆଜି ଜବତ କରିଛି। ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ତାଙ୍କ ଗାଡ଼ି ୧୬ ନଂ ଜାତୀୟ ରାଜପଥର ଖନ୍ତାପଡ଼ା ଟୋଲପ୍ଲାଜା ଅତିକ୍ରମ କରୁଥିବା ବେଳେ ସେଠାରେ ପୂର୍ବରୁ ଜଗି ରହିଥିବା ବାଲେଶ୍ୱର ଭିଜିଲାନ୍ସ ବିଭାଗ ଟିମ ଶ୍ରୀ ଦାସଙ୍କୁ ଅଟକାଇଥିଲେ। ତଲାସି ପରେ ଗାଡ଼ିରୁ ଏହି ଟଙ୍କା ମିଳିଥିବା ଜଣାଯାଇଛି। ଏହି ଟଙ୍କା କେଉଁଠୁ ଆଣିଲେ ବୋଲି ଭିଜିଲାନ୍ସ ଅଧିକାରୀଙ୍କ ପ୍ରଶ୍ନରେ ଶ୍ରୀ ଦାସ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଫଳରରେ ଭିଜିଲାନ୍ସ ଟିମ ଟଙ୍କା ଓ ଗାଡ଼ିକୁ ଜବତ ସହ ଶ୍ରୀ ଦାସଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇଯାଇଥିଲେ। ୧/୨୦୨୧ ନଂର ମାମଲା ରୁଜୁ ସହ ଅଭିଯୁକ୍ତ ଶ୍ରୀ ଦାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ପଚରାଉଚୁରା ଜାରି ରଖିଛନ୍ତି। ତେବେ ସବ-ରେଜିଷ୍ଟ୍ରାର ଅଫିସରେ ବେଆଇନ ଭାବେ ଆଦାୟ କରାଯାଇଥିବା ଅର୍ଥକୁ ନେଇ ଶ୍ରୀ ଦାସ ଘରକୁ ଫେରୁଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଭିଜିଲାନ୍ସ ବିଭାଗ ଏହି ଚଢ଼ଉ କରିଥିବା ଜଣାପଡ଼ିଛି।

ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୦୧।୦୧ (ନି.ପ୍ର): ରାଜ୍ୟ ସରକାର ଗୁରୁବାର ଦିନ ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । ଓଏମସିର ଅଧ୍ୟକ୍ଷ ତଥା ୨୦୦୫ ବ୍ୟାଚ୍ ର ଆଇଏଏସ୍ ଅଧିକାରୀ ଆର୍. ଭୀନିଲ କ୍ରିଷ୍ଣାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ସେ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ପୁରୀ ଜିଲ୍ଲାପାଳ ତଥା୨୦୦୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ବଲୱନ୍ତ ସିଂହଙ୍କୁ ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାପାଳ ତଥା ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସମର୍ଥ ବର୍ମାଙ୍କୁ ପୁରୀର ନୂଆ ଜିଲ୍ଲାପାଳ ନିଯୁକ୍ତ ହୋଇଥିବା ବେଳେ ରାୟଗଡା ପିଡି ଡିଆରଡିଏ ତଥା୨୦୧୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅମ୍ରିତ ରତୁରାଜ କେନ୍ଦ୍ରାପଡ଼ା ଜିଲ୍ଲାର ନୂଆ ଜିଲ୍ଲାପାଳ ଭାବେ ଅବସ୍ଥାପିତ ହୋଇଛନ୍ତି। ସେହିପରି ଜଗତସିଂହପୁର ଜିଲ୍ଲାପାଳ ସରୋଜ ମିଶ୍ର ରାୟଗଡ଼ାର ଜିଲ୍ଲାପାଳ ନିଯୁକ୍ତ ହୋଇଛନ୍ତି। ଏହାଛଡ଼ା ଅତିରିକ୍ତ ସଚିବ ତଥା ୨୦୧୫ ବ୍ୟାଚ୍ ଆଇଏଏସ୍ ପାରୁଲ ପଟଓ୍ୱାରୀଙ୍କୁ ପୂର୍ତ ବିଭାଗର ଉପସଚିବ, ଖୋର୍ଦ୍ଧା ସ୍ୱତନ୍ତ୍ର ଏଡିଏମ୍ ତଥା ୨୦୧୬ ବ୍ୟାଚ୍ ଆଇଏଏସ୍ ବିଶାଳ ସିଂହଙ୍କୁ ଯାଜପୁର ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଦାୟିତ୍ୱ ମିଳିଛି। ରାୟଗଡା ଜିଲ୍ଲାପାଳ ପ୍ରମୋଦ ବେହେରାଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଛି ।

୮୪ଟି ୧୦୮ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୧।୦୧ (ନି.ପ୍ର): ରାଜ୍ୟରେ ଆଉ ୮୪ଟି ନୂଆ୧୦୮ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରଛନ୍ତି ମୁଖ୍ୟମନ୍ତ୍ରୀ। ନୂଆ ବର୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ପତାକା ଦେଖାଇ ଏହାର ଉଦଘାଟନ କରିଛନ୍ତି । ନିଜସ୍ୱ ପାଣ୍ଠିରେ ରାଜ୍ୟ ସରକାର ସମସ୍ତ ଆମ୍ବୁଲାନ୍ସ କିଣିଛନ୍ତି ଏବଂ ଏହି ୮୪ଟି ଆମ୍ବୁଲାନ୍ସ ରାଜ୍ୟର ୨୭ ଜିଲ୍ଲାରେ ଗଡ଼ିବ । ବାଲେଶ୍ୱର ଜିଲ୍ଲାକୁ ସର୍ବାଧିକ ୧୧ଟି ଆମ୍ବୁଲାନ୍ସ ଯିବ। ଏଥିସହ ମୁଖ୍ୟମନ୍ତ୍ରୀ ରୋଗୀ ଏବଂ ସମ୍ପର୍କୀୟଙ୍କୁ ସହାନୁଭୂତି ସହ ପରିଚାଳନା କରିବା ପାଇଁ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ତାଲିମ ଦେବାକୁ ପରାମର୍ଶ ଦେଇଛନ୍ତି। ଆମ୍ବୁଲାନ୍ସ ସେବାର ସେବା ପାରାମିଟର ଗୁଡିକର ଶୀଘ୍ର ମନିଟରିଂ ପାଇଁ ଟେକ୍ନୋଲୋଜିର ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବର୍ତମାନ ରାଜ୍ୟରେ ମୋଟ ୫୧୮ଟି ୧୦୮ ଆମ୍ବୁଲାନ୍ସ, ୫୦୦ଟି ଜନନୀ ଏକ୍ସପ୍ରେସ ଚାଲୁଛି । ୨୦୧୩ ମସିହାରୁ ରାଜ୍ୟବାସୀଙ୍କୁ ଏହି ଜରୁରୀ କାଳୀନ ସେବା ଯୋଗାଉଛନ୍ତି ସରକାର। ମାଲକାନଗିରି ବିଛିନ୍ନାଂଚଳରେ ୬ଟି ୧୦୮ ବୋଟ ଆମ୍ବୁଲାନ୍ସ ମଧ୍ୟ ଚାଲୁଛି । ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବା ଦାସ , ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର , ମୁଖ୍ୟମନ୍ତ୍ରୀଙ୍କ (୫-ଟି) ସଚିବ ଭି.କେ ପାଣ୍ଡିଆନ୍ , ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ରାଜ୍ୟପାଳଙ୍କ 'ଅସୁସ୍ଥ ପୃଥିବୀର ପ୍ରାର୍ଥନା ଓ ଅନ୍ୟାନ୍ୟ ରଚନା' ଲୋକାର୍ପିତ

ଭୁବନେଶ୍ୱର,୦୧।୦୧ (ନି.ପ୍ର): ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ପୁସ୍ତକ 'ଅସୁସ୍ଥ ପୃଥିବୀର ପ୍ରାର୍ଥନା ଓ ଅନ୍ୟାନ୍ୟ ରଚନା' ଶୁକ୍ରବାର ଲୋକାର୍ପିତ ହୋଇ ଯାଇଛି । ରାଜଭବନରେ ବିଖ୍ୟାତ ଲେଖିକା ପଦ୍ମଶ୍ରୀ ଡ. ପ୍ରତିଭା ରାୟ ପୁସ୍ତକର ଲୋକାର୍ପଣ କରିଥିଲେ । ଏଥିରେ ରାଜ୍ୟପାଳ, ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦ୍ଧା, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ, ପ୍ରକାଶକ ବନୋଜ ତ୍ରିପାଠୀ ଓ କବି ରକ୍ଷକ ନାୟକ ଉପସ୍ଥିତ ଥିଲେ । 'ପକ୍ଷୀଘର ପ୍ରକାଶନୀ' ପକ୍ଷରୁ ଏହି ପୁସ୍ତକଟି ପ୍ରକାଶ ପାଇଛି । ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ସ୍ତମ୍ଭଗୁଡ଼ିକର ଏହା ଏକ ନିର୍ବାଚିତ ସଂକଳନ। ଏହି ପୁସ୍ତକ ଫ୍ଲିପ୍ କାର୍ଟ ଓ ଆମାଜନ୍ ରେ ମଧ୍ୟ ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଛି ।

ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଲେ ସୁରେଶ ମହ

ପରୀ ହତ୍ୟା ମାମଲାରେ ମୁଖ୍ୟ ସଚିବଙ୍କୁ ଭେଟିଲେ ମହିଳା ମୋର୍ଚ୍ଚା ସଭାନେତ୍ରୀ

ଭୁବନେଶ୍ୱର,୧।୧ (ନି.ପ୍ର): ନୟାଗଡର ନାବାଳିକା ପରୀ ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବିରେ ମୁଖ୍ୟ ଶାସନ ସଚିବଙ୍କୁ ଭେଟିବାକୁ ଯିବା ବେଳେ ମହିଳା ମୋର୍ଚ୍ଚା କର୍ମୀ ଓ ପୋଲିସ୍ ମଧ୍ୟରେ ଧସ୍ତାଧସ୍ତି ହୋଇଛି । ପୋଲିସ୍ ସେମାନଙ୍କୁ ଅଟକ ରଖିଛି । ସୂଚନା ଅନୁଯାୟୀ ଗୁରୁବାର ଅପରାହ୍ନରେ ବିଜେପି ମହିଳା ମୋର୍ଚ୍ଚା ସଦସ୍ୟମାନେ ମୁଖ୍ୟ ଶାସନ ସଚିବ ଓ ଗୃହ ସଚିବଙ୍କୁ ଭେଟିବାକୁ ଯାଇଥିଲେ । ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ସହ ୩ ଜଣ ସଦସ୍ୟଙ୍କୁ ଲୋକସେବା ଭବନ ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିଥିଲା । ତେବେ ବିଜେପି ମହିଳା ମୋର୍ଚ୍ଚାର ଅନ୍ୟ ସଦସ୍ୟମାନେ ମୁଖ୍ୟ ସଚିବଙ୍କୁ ଦେଖା କରିବା ଉଦେଶ୍ୟରେ ଲୋକସେବା ଭବନକୁ ଧସେଇ ପଶିବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ସେମାନଙ୍କର ପୁଲିସ ସହ ଧସ୍ତାଧସ୍ତି ହୋଇଥିଲା । ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ମୁଖ୍ୟ ଶାସନ ସଚିବଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିବା ସହ ମନ୍ତ୍ରୀ ଅରଣ ସାହୁ ଏବଂ ଏସଆଇଟି ମୁଖ୍ୟ ଅରୁଣ ବ୍ରୋଥାଙ୍କ ଭାଇରାଲ ଅଡିଓ ଟେପ୍ ପ୍ରଦାନ କରାଯାଇଛି । ସ୍ଥାନୀୟ ବିଧାୟକ ତଥା ଶାସକ ଦଳ ମନ୍ତ୍ରୀ ଅରୁଣ ସାହୁ ଯଦୁପୁରର ସରପଂଚ ସୌମ୍ୟ ରଂଜନ ପ୍ରଧାନଙ୍କୁ ଧମକ ଦେଉଥିବାର ଅଡିଓ ଟେପ୍ ପ୍ରମୁଖ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏହି ଅଡିଓରେ ମନ୍ତ୍ରୀ ଅରୁଣ ସାହୁ ପରୀ ହତ୍ୟାକାଣ୍ଡ ତଦନ୍ତକୁ ପ୍ରଭାବିତ କରୁଥିବାର ପ୍ରମାଣ ରହଥିଲା । ଅନ୍ୟ ଏକ ଭାଇରାଲ ଅଡିଓ ଟେପ୍ ରେ ଏସାଇଟି ମୁଖ୍ୟ ଅରୁଣ ବ୍ରୋଥା ରାଜ୍ୟ ସରକାରଙ୍କୁ ଡରୁଛନ୍ତି ବୋଲି କହୁଛନ୍ତି । ଯଦି ବ୍ରୋଥା ରାଜ୍ୟସରକାରଙ୍କୁ ଭୟ କରୁଛନ୍ତି ତେବେ ପରୀ ହତ୍ୟାକାଣ୍ଡର ତଦନ୍ତ ସରକାରଙ୍କ ନିର୍ଦ୍ଦେଶରେ କରାଯାଇଛି ବୋଲି ସ୍ପଷ୍ଟ ଜଣାପଡୁଛି । ଏଭଳି ସ୍ଥିତିରେ ମନ୍ତ୍ରୀ ଅରୁଣ ସାହୁ ତାଙ୍କ ପଦବୀର ଅପବ୍ୟବହାର କରିଥିବାରୁ ନିରପେକ୍ଷ ତଦନ୍ତ ସମ୍ଭବ ନୁହେଁ । ଏସଆଇଟି ମୁଖ୍ୟ ମଧ୍ୟ ସରକାରଙ୍କୁ ଡରୁଥିବାରୁ ସେ ବି ସ୍ୱଚ୍ଛତାର ସହ ତଦନ୍ତ କରିନଥିବେ । ଏଣୁ କେବଳ ସିବିଆଇ ତଦନ୍ତ କଲେ ହିଁ ପରୀକୁ ନ୍ୟାୟ ମିଳିପାରିବ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି । ଏହି ପ୍ରତିନିଧୀ ଦଳରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ ଓ ରାଜ୍ୟ ଉପସଭାନେତ୍ରୀ ପ୍ରଭାତିପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

ଛାତ୍ର ବିଜେଡିଙ୍କୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା ,୧।୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଛାତ୍ର ବିଜେଡି ସଂଗଠନ ପକ୍ଷରୁ ବିଧାୟକ ଶଶି ଭୂଷଣ ବେହେରାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି । କେନ୍ଦ୍ରାପଡା ପୌରାଂଚଳର ସମସ୍ୟା ଅନୁଧ୍ୟାନ କରି ସ୍ଥାୟୀ ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଥିବା ଶ୍ରୀ ବେହେରା ପୌରାଂଚଳ ର ବିଭିନ୍ନ ୱାର୍ଡରେ ଥିବା ଗ୍ରାମ , ସାହି ବସ୍ତି ବୁଲି ବୁଲି ସମସ୍ୟା ଅନୁଧ୍ୟାନ କରୁଛନ୍ତି । ତେବେ ଛାତ୍ର ବିଜେଡି ସଂଗର ଜିଲ୍ଲା ସଭାପତି ପ୍ରଦିପ କୁମାର ସାହୁଙ୍କ ନେତୃତ୍ୱରେ ଉପ ସଭାପତି ସ୍ୱରୂପ ରାଉତରାୟ, ଦେବାଶିଷ ସ୍ୱାଇଁ, ରାଜଶ୍ରୀ ଦାସ, ଚିତ ରଞ୍ଜନ ଦାସ, ବିରାଟ ଦାସ ପ୍ରମୁଖ କର୍ମକର୍ତା ମାନେ ଇଂରାଜୀ ନବବର୍ଷ ୨୦୨୧ ଉପଲକ୍ଷେ ବିକାଶ ଧାରାକୁ ବଜାୟ ରଖିବା ପାଇଁ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

ଭିନ୍ନକ୍ଷମଙ୍କୁ ମିଳୁନି ଟ୍ରାଇ ସାଇକେଲ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡା,୧।୧ (ନି.ପ୍ର): ରାଜ୍ୟ ସରକାରଙ୍କର ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ଭିନ୍ନକ୍ଷମ ମାନଙ୍କୁ ଆତ୍ମ ନିର୍ଭରଶୀଳ ହେବାପାଇଁ ବିଭିନ୍ନ ଉପକରଣ ଯୋଗା ଯାଉଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ଓଉପଦା ଗ୍ରାମ ପଂଚାୟତର ଜଣେ ଭିନ୍ନକ୍ଷମଙ୍କୁ ୫ବର୍ଷ ହେଲା ଟ୍ରାଇ ସାଇକେଲ ମିଳୁ ନଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ପଟ୍ଟାମୁଣ୍ଡାଇର ଓଉପଦା ଗ୍ରାମର ଭିନ୍ନକ୍ଷମ ବୟସ୍କ ବ୍ୟକ୍ତି ମୁରଲୀଧର ଜଣେ ଚଳତଶକ୍ତି ହୀନ ଭିନ୍ନକ୍ଷମ ଭାବେ ପ୍ରମାଣପତ୍ର ହାସଲ କରିବା ସହ ଟ୍ରାଇ ସାଇକେଲ ପାଇବା ପାଇଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବାରମ୍ବାର ନିବେଦନ କରି ଆସୁଥିଲେ । ଏନେଇ ବାରମ୍ବାର ଆବେଦନ କଲେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା ପାଇଁ କୌଣସି ତତ୍ପରତା ପ୍ରକାଶ କରାଯାଇ ନାହିଁ । ଫଳରେ ମୁରଲୀଧର ଗୁରୁବାର ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ସହ ଟ୍ରାଇ ସାଇକଲେ ପାଇବା ପାଇଁ ନିବେଦନ କରିଥିବା ଜଣା ପଡିଛି ।

ପୂର୍ବ ଶତୃତାକୁ କନ୍ଦ୍ର କରି ଯୁବକଙ୍କୁ ମାରଣନ୍ତକ ଆକ୍ରମଣ ଓ ଘର ପୋଡି ଘଟଣା : ଜଣେ ଗିରଫ

ଧର୍ମଶାଳା,୩୧ଡିସେମ୍ବର(ହି.ସ.) ଯାଜପୁର ଜିଲା - ରସୁଲପୁର ବ୍ଲକ ଯାଜପୁର ସଦର ଥାନା ଅନ୍ତର୍ଗତ ଅର୍ଥଙ୍ଗା ପଂଚାୟତ ଅଳପୁଆ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଭାବନୀୟ ଘଟଣା ଘଟିଥିଲା । ପୂର୍ବ ଶତୃତାକୁ ନେଇ ଜଣେ ଯୁବକଙ୍କୁ ସଙ୍ଘବଦ୍ଧ ଭାବେ ଆକ୍ରମଣ କରି ଗୁରୁତର କରିବା ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହି ମାରଣନ୍ତକ ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥ ଏକ ଘରୋଇ ମେଡିକାଲରେ ଭର୍ତି ହୋଇଥିଲେ । ଆହତ ଯୁବକ ଜଣକ ହେଲେ ଏହି ଗ୍ରାମର ମୋହନ ନାୟକଙ୍କ ପୁଅ ଶ୍ରୀକାନ୍ତ (୩୦) ବୋଲି ଜଣାପଡିଛି । ଘଟଣା ଗୁରୁତର ହେବାରୁ ଦୃବୃତମାନେ ତାଙ୍କ ରୋଷେଇ ଘରେ ନିଆଁ ଲଗାଇ ଦେଇଥିଲେ । ଏହି ଘଟଣାକୁ ନେଇ ଶ୍ରୀକାନ୍ତଙ୍କ ମାଆ ସଂଜୁଲତା ଯାଜପୁର ସଦର ଥାନାରେ ଏହି ଗ୍ରାମର ୫ ଜଣଙ୍କ ନାମରେ ଅଭିଯୋଗ କରିଥିଲେ । ୨୬୭/୨୦ରେ ସଦର ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ତେବେ ଆଜି ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଅଭିଯୁକ୍ତ ଜଣକ ହେଲେ ଏହି ଅଳପୁଆ ଗ୍ରାମର ଅନ୍ତର୍ଯ୍ୟାମୀ ବଳ ବୋଲି ଜଣାପଡିଛି । ତେବେ ଅନ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡିଛି । ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସଂଜୁଲତାର ପରିବାର ଲୋକେ ଦାବି କରିଛନ୍ତି ।

ଶହୀଦ କୋଭିଡ ଯୋଦ୍ଧାଙ୍କ ପରିବାରବର୍ଗଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

କୋଭିଡ ଯୋଦ୍ଧାଙ୍କ ସ୍ମୃତିରେ ଭୁବନେଶ୍ୱରରେ ଏକ ସ୍ମାରକୀ ପ୍ରତିଷ୍ଠା କରାଯିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସଂଧ୍ୟାରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଶହୀଦ କୋଭିଡ ଯୋଦ୍ଧାଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରି ସମବେଦନା ଜଣାଇଥିଲେ ଏବଂ ଶହୀଦଙ୍କ ତ୍ୟାଗ କେବେ ହେଲେ ବିଫଳ ହେବ ନାହିଁ ବୋଲି କହିଥିଲେ । କୋଭିଡ ବିରୁଦ୍ଧରେ ଏହି ଲଢେଇରେ ଆମ ନିଶ୍ଚିୟ ଜିତିବା ବୋଲି ମୁଖ୍ୟମନ୍ତ୍ରୀ ଦୃଢତାର ସହ କହିଥିଲେ । ଏହା ବ୍ୟତୀତ ଶହୀଦ କୋଭିଡ ଯୋଦ୍ଧାଙ୍କ ତ୍ୟାଗର ସ୍ମୃତି ରକ୍ଷା ପାଇଁ ଭୁବନେଶ୍ୱରରେ ଏକ ସ୍ମାରକୀ ପ୍ରତିଷ୍ଠା କରାଯିବ । ଏଥିରେ ଶହୀଦ ହୋଇଥିବା ସବୁ କୋଭିଡ ଯୋଦ୍ଧାଙ୍କ ନାମ ଲିପିବଦ୍ଧ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, " ଆପଣଙ୍କ ପରିବାରର ତ୍ୟାଗକୁ ଏ ଜାତି ସବୁବେଳେ ସମ୍ମାନର ସହ ମନେ ରଖିବ ।" ୨୦୨୦ ଥିଲା ମାନବ ଇତିହାସର ଏକ ସଂକଟମୟ ବର୍ଷ । ସାରା ବିଶ୍ୱ ସହ ଓଡିଶା ମଧ୍ୟ ଏହି ସଂକଟର ସାମନା କରିଛି ଏବଂ ଆମର ଲକ୍ଷ ଲକ୍ଷ କୋଭିଡ ଯୋଦ୍ଧାଙ୍କ ନିଷ୍ଠା, ତ୍ୟାଗ ଓ ସେବା ଯୋଗୁ ଆମେ ଆଜି ଭଲ ସ୍ଥିତିରେ ରହିଛୁ । ଦୁଃଖର କଥା ଯେ ଏହି ଯୁଦ୍ଧରେ ଆମର ୧୦୦ରୁ ଅଧିକ କୋଭିଡ ଯୋଦ୍ଧା ଶହୀଦ ହୋଇଛନ୍ତି । ଶହୀଦ କୋଭିଡ ଯୋଦ୍ଧାଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାର ଆପଣମାନଙ୍କ ସହିତ ଅଛନ୍ତି ? ଏ ଶୂନ୍ୟତା କେବେ ବି ପୂରଣ କରିହେବ ନାହିଁ ? ଆମେ କେବଳ ଆପଣମାନଙ୍କୁ ଏତିକି ସହାୟତା କରିପାରିବୁ ଯେଉଁଥିରେ ସେମାନଙ୍କୁ ପରିବାରର ସଦସ୍ୟଙ୍କ ପରଲୋକ ଯୋଗୁ ଯେପରି ଆପଣଙ୍କ ପରିବାର କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି । ସରକାର ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ । ମାଲକାନଗିରି, କଟକ, ବରଗଡ, ବାଲେଶ୍ୱର ଓ ଗଞ୍ଜାମରେ ଉପସ୍ଥିତ ଶହୀଦ କୋଭିଡ ଯୋଦ୍ଧାଙ୍କ ପରିବାର ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ । ଶହୀଦ ମାନଙ୍କ ପରିବାରବର୍ଗ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧା ଓ ସହାୟତା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଓଡିଶା ସଫଳତାର ସହ କୋଭିଡ ଯୁଦ୍ଧର ମୁକାବିଲା କରିପାରିଛି । ୧୦ ଲକ୍ଷ ପ୍ରବାସୀ ଓଡିଆଙ୍କ ଆଗମନ ସମୟରେ ରାଜ୍ୟର ପରିଚାଳନା ଉଲ୍ଲେଖନୀୟ ଥିଲା ବୋଲି ସେ କହିଥିଲେ । ଆମର ସଠିକ ଯୋଜନା ଓ ସମସ୍ତ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ କୋଭିଡ ଯୁଦ୍ଧରେ ସଫଳତା ମିଳିପାରିଛି ବୋଲି ସେ କହିଥିଲେ । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପି.କେ. ମହାପାତ୍ର କହିଥିଲେ ଯେ ଓଡିଶା ଅତ୍ୟନ୍ତ ସଫଳତାର ସହ କୋଭିଡ ଯୁଦ୍ଧର ମୁକାବିଲା କରିଛି । ଏଥିରେ ୧୦୧ ଜଣ କୋଭିଡ ଯୋଦ୍ଧା ଶହୀଦ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବର୍ତମାନ ସୁଦ୍ଧା ୯୬ ଜଣ ଶହୀଦଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଲେଖାଏ ସହାୟତା ଦିଆଯାଇଛି । ଆସନ୍ତା ୨ ଦିନ ମଧ୍ୟରେ ବାକି ୫ ଜଣ ଶହୀଦଙ୍କ ପରିବାରକୁ ସହାୟତା ଦିଆଯିବ । ଏହି କାର୍ଯ୍ୟକ୍ରମରେ କୋଭିଡ ଯୋଦ୍ଧାଙ୍କ ତ୍ୟାଗ ଓ ସେବା ସଂପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଓ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ।

ସିଏସଆଇଙ୍କ ଆକସ୍ମିକ ମୃତ୍ୟୁ

ମୁଖୀଗୁଡା,୧।୧ (ନି.ପ୍ର): ଆଜି ଜୟପାଟଣା ଜେ.ଏମ୍.ଏଫ. ସି କୋର୍ଟ ରେ କାର୍ଯ୍ୟରତ ସି.ଏସ.ଆଇ ସଦାଶିବ ବେହେରା(୫୫)ଙ୍କ ଆକସ୍ମିକ ବିୟୋଗ ଘଟିଛି । ଆଜି ସକାଳେ ସି.ଏସ.ଆଇ ସଦାଶ୍ୱି ବେହେରା ହଟାତ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଜୟପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରା ଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ମୃତ୍ୟୁ ଖବର ପାଇବା ପରେ ଜୟପାଟଣା ବାର ଏସୋସିଏସନ ର ସଭାପତି ଗଙ୍ଗାଧର ପାତ୍ର,ଉପ ସଭାପତି ମନୋରଞ୍ଜନ ସିଂ,ସଂପାଦକ ନିହାର ରଂଜନ ବେହେରା,ଆଇନଜୀବୀ ପ୍ରମୋଦ ପଣ୍ଡା ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଂଚି ଶେଷ ଦର୍ଶନ କରିଥିଲେ । ତାଙ୍କ ମର ଶରୀରକୁ ନିଜ ଗାଁ କେସିଙ୍ଗା ଥାନା ଅନ୍ତର୍ଗତ କାଣ୍ଡେଲ କୁ ନିଆଯାଇଥିଲା ସେଠାରେ ଅନ୍ତିମ ସଂସ୍କାର କରାଯାଇଥିଲା । ଏକ ମାତ୍ରପୁଅ ଧୀରଜ ମୁଖାଗ୍ନି ଦେଇ ଥିଲେ ।

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ଦାୟୀତ୍ୱ ନେଲେ ଡଃ. ରତିକାନ୍ତ ପରିଡ଼ା

ସାକ୍ଷିଗୋପାଳ,୧।୧ (ନି.ପ୍ର): ପୁରୀ ଜିଲ୍ଲା ସାକ୍ଷିଗୋପାଳ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ (ଯୁଜିଏସ କଲେଜ)ର ନୂତନ ଅଧକ୍ଷ ଭାବେ ଆଜି ବିଧିବଦ୍ଧ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି ଡଃ. ରତିକାନ୍ତ ପରିଡ଼ା । ପୂର୍ବତନ ଅଧକ୍ଷ ପ୍ରଫେସର ନିହାର ରଞ୍ଜନ ଦାଶ ନିଜର ଅବସର ପରେ ତାଙ୍କୁ ଏହି ଦାୟୀତ୍ୱ ହସ୍ତାନ୍ତର କରିଛନ୍ତି । ଏହାକୁ ପୁରୀ ଉପଜିଲ୍ଲାପାଳ ଭବତାରଣ ସାହୁ ସ୍ୱିକୃତୀ ପ୍ରଦାନ କରିଛନ୍ତି । ଅଧକ୍ଷ ଶ୍ରୀ ପରିଡ଼ା ଦୀର୍ଘ ବର୍ଷ ଧରି କଲେଜରେ ରାଜନୀତି ବିଜ୍ଞାନ ବିଭାଗରେ ଏଚଓଡ଼ି ଓ ରିଡ଼ର୍ ଭାବେ ନିଜର କାର୍ଯ୍ୟ ସୁଚାରୂ ରୂପେ ସମ୍ପାଦନ କରି ଆସୁଥିଲେ । ଏବଂ ସେ ଯୁକ୍ତ ୩ ରାଜନୀତି ବିଜ୍ଞାନ (ସମ୍ମାନ) ପାଠ୍ୟ ପୁସ୍ତକର ରଚୟିତା ମଧ୍ୟ, ଯାହାକି ଆଜି ସମଗ୍ର ରାଜ୍ୟର ମହାବିଦ୍ୟାଳୟ ମାନଙ୍କ ଦ୍ୱାରା ବହୁ ପ୍ରଶଂସିତ ଓ ଆଦୃତ ହୋଇଛି । ଏହି ପୁସ୍ତକ ଗୁଡିକର ପ୍ରକାଶକ ନୂଆଦିଲ୍ଲୀର କଲ୍ୟାଣୀ ପବ୍ଲିସର୍ସ ଅଟନ୍ତି । ଏଥି ସହିତ ତାଙ୍କର ଶିକ୍ଷାଦାନ ଶୈଳୀ ଓ ଛାତ୍ରବତ୍ସଳତା ପାଇଁ ସେ ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି । ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ତାଙ୍କୁ ମିଳିଥିବା ଏହି ନୂତନ ଦାୟୀତ୍ୱକୁ ମଧ୍ୟ ସେ ସୁଚାରୂ ରୂପେ ସମ୍ପାଦନ କରିବା ସହ ଆଗାମୀ ଦିନରେ କଲେଜର ସର୍ବାଙ୍ଗିନ ଉନ୍ନତି ଦିଗରେ କାର୍ଯ୍ୟ କରିବେ । ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ବୃନ୍ଦ ଏବଂ ପୂର୍ବତନ ଅଧକ୍ଷ ରାଜେନ୍ଦ୍ର କୁମାର ଚକ୍ର ଉପସ୍ଥିତ ଥିଲେ ।

ବିଜେଡି ମହିଳାଙ୍କୁ ନେଇ ରାଜନୀତି କରୁଛି: ମହିଳା କଂଗ୍ରେସ

ଭୁବନେଶ୍ୱର,୧।୧ (ନି.ପ୍ର): ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ପ୍ରତିଷ୍ଠା ଦିବସରେ ମହିଳାମାନଙ୍କ ଲାଗି ୩୩ ପ୍ରତିଶତ ସଂରକ୍ଷଣ କଥା କହିବା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ କୁମ୍ଭୀର କାନ୍ଦଣା ସଦୃଶ । ବିଜେଡି ମହିଳାଙ୍କୁ ନେଇ କେବଳ ରାଜନୀତି କରୁଛି ଏବଂ ମହିଳାମାନଙ୍କ ପ୍ରତି ଟିକେ ବି ଦରଦ ନାହିଁ ବୋଲି ମହିଳା କଂଗ୍ରେସ ଅଭିଯୋଗ କରିଛି । ଗୁରୁବାର କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହି କହିଛନ୍ତି ମୁଖ୍ୟମନ୍ତ୍ରୀ ଲୋକସଭା ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କଥା କହୁଥିବା ବେଳେ ନିଜ ବିଭାଗରେ ମହିଳାମାନଙ୍କୁ ୧୦% ରୁ ଅଧିକ ନିଯୁକ୍ତି ଦେଇଛନ୍ତି । ଟ୍ରାଫିକ୍ ବିଭାଗରେ ମଧ୍ୟ ମହିଳା ଏ.ଏସ୍.ଆଇ ଓ ମହିଳା ପୋଲିସ ଡିଜିଙ୍କୁ ନିଯୁକ୍ତି ଦେଇନାହାନ୍ତି । କଂଗ୍ରେସ ଏକମାତ୍ର ଦଳ ଯିଏକି ରାଜ୍ୟରେ ମୁଖ୍ୟମନ୍ତ୍ରୀ ଭାବରେ ଏବଂ ଦେଶରେ ପ୍ରଧାନମନ୍ତ୍ରୀ ଭାବରେ ମହିଳାଙ୍କୁ ଦାୟିତ୍ୱ ଦେଇଛି । କଂଗ୍ରେସ ଶାସିତ ଛତିଶଗଡ ଏବଂ ଝାଡଖଣ୍ଡରେ ମହିଳାମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଓଡିଶାରେ ମୁଖ୍ୟମନ୍ତ୍ରୀ କେତେ ପ୍ରତିଶତ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି ତାହା ସ୍ପଷ୍ଟ କରନ୍ତୁ । ରାଜ୍ୟରେ ନିଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କୁ କେତେ ପ୍ରତିଶତ ନିଯୁକ୍ତି ମିଳିଛି ବିଜେପି ସ୍ପଷ୍ଟ କରୁ । ପୂର୍ବତନ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର କହିଲେ ଯେ ବର୍ତମାନ ବିଜେପି ମଧ୍ୟ ମହିଳାମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛି । ୨୧ ବର୍ଷ ଶାସନ ମଧ୍ୟରେ ବିଜେଡି ସହିତ ବିଜେପି ୯ ବର୍ଷ କାଳ ମେଂଟ ସରକାର ଭାବରେ ସରକାରରେ ଥିଲେ । ସେତେବେଳେ ମହିଳାମାନଙ୍କ ପାଇଁ ରାଜ୍ୟରେ କ'ଣ କରାଯାଇଛି ବୋଲି ଶ୍ରୀମତୀ ମହାପାତ୍ର ପ୍ରଶ୍ନ କରିଥିଲେ । ଆଜି ବିଜେଡି ସରକାର ମହିଳା ଓ ଶିଶୁମାନଙ୍କ ପାଇଁ ଥାନାରେ କରିଥିବା ହେଲ୍‌ପ ଡେସ୍କ ନିଷ୍କ୍ରିୟ । ସେହିଭଳି ମହିଳାମାନଙ୍କ ପାଇଁ ପିଙ୍କ୍ ଅଟୋ ସେବା, ଗୁଗୁଲ୍‌ରେ ଉପଲବ୍ଧ ମହିଳା ହେଲପ୍ ଲାଇନ୍ ଆପ୍ ମଧ୍ୟ ଅକାମୀ ବୋଲି ଶ୍ରୀମତୀ ମହାପାତ୍ର କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତ୍ରୀ ଶ୍ରୀମତୀ ସ୍ୱାଧିନବାଳା ଦାସ ଓ କୁସୁମ ପ୍ରଧାନ ଉପସ୍ଥିତ ଥିଲେ ।

ରାଜ୍ୟସ୍ତରୀୟ ବୀରତା ଦିବସ ପାଳିତ

ବରଗଡ

ଅଯଥା ଖର୍ଚ୍ଚରୁ ବର୍ତ୍ତିବାର ଉପାୟ

ବିବାହ ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଯେଉଁ ଛୋଟ ମୋଟ ଝଗଡ଼ା ଦେଖାଦେଇଥାଏ ତାହାର କାରଣ ମଧ୍ୟରୁ ଗୋଟିଏ କାରଣ ହେଉଛି ଅଯଥା ଖର୍ଚ୍ଚ । ସ୍ୱାମୀ ଗ୍ୟାଜେଟ୍ ହେଉ ଅବା ନିଶା ପାଇଁ ଅଧିକ ଖର୍ଚ୍ଚ କରୁଥିବାର ଅଭିଯୋଗ ପତ୍ନୀ ଆଣୁଥିଲାବେଳେ ସ୍ୱାମୀଙ୍କର ଅଭିଯୋଗ ରହିଥାଏ ଯେ, ପତ୍ନୀ ନିଜ ପାଇଁ ଅଯଥା ଖର୍ଚ୍ଚ ପାରିବାରିକ ଆର୍ଥିକ ସ୍ଥିତି ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ବେଳେବେଳେ ଏହି କଥା ଏତେ ଆଗକୁ ଯାଇଥାଏ ଯେ, ସ୍ୱାମୀ-ସ୍ତ୍ରୀ ଅଲଗା ହେବାର ନିଷ୍ପତ୍ତି ମଧ୍ୟ ନେଇଥାନ୍ତିତ । ଏପରି ଘଟଣାକୁ ଚଚ କଦାପି ହାଲକାରେ ନିଆଯାଇନପାରେ । ଅପୋଷ ବୁଝାମଣଣା ମାଧ୍ୟମରେ ଏହାର ସମାଧାନ ଜରୁରୀ । ଏହି ଘଟଣା ଦ୍ୱାରା ଆତ୍ମବିଶ୍ୱାସ ମଧ୍ୟ ହ୍ରାସ ପାଇଥାଏ, ମନ ଭିତରେ ଅସୁରକ୍ଷା ଭାବ ମଧ୍ୟ ସୃଷ୍ଟି ହୋଇଥାଏ । ତେଣୁ ବିତ୍ତୀୟ ସୁରାକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରଥମରୁ ହିଁ ପଦକ୍ଷେପ ନେବା ଜରୁରୀ ।

■ ସଠିକ୍ ବୁଝାମଣା, ଆଲୋଚନା ଅଭାବ କାରଣରୁ ଅଯଥା ଖର୍ଚ୍ଚ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ । ନିଜେ ନିଜର ଦୋଷକୁ ଗ୍ରହଣ କରିବା ଅପେକ୍ଷା ଅନ୍ୟ ଉପରେ ଦୋଷ ଲଦି ଦେବା କାରଣରୁ ଘଟଣା ଆଗକୁ ବଢ଼ିଥାଏ । ତେଣୁ ବୈବାହିକ ଜୀବନରେ ଏହି ବିତ୍ତୀୟ ଅନିୟମିତତାର ପରିସ୍ଥିତି ସୃଷ୍ଟି ହେଲେ ତୁରନ୍ତ ଆପୋଷ ଆଲୋଚନା କରିବା ଜରୁରୀ । ନିଜକୁ ସୁରକ୍ଷା ଦେବାକୁ ଯାଇ ଅନ୍ୟ ଉପରେ ଦୋଷ ଲଦିବା ଗ୍ରହଣ ନୁହେଁ । ବୁଝିବା ଦରକାର ଯେ, ଏହି ଅଯଥା ଖର୍ଚ୍ଚ ଗୋଟିଏ ଦିନର ଅଭ୍ୟାସ ନୁହେଁ, ଦୀର୍ଘ ଦିନରୁ ଚାଲିଆସିଛି । ରାତାରାତି ଏହାକୁ ବଦଳା ଯାଇପାରିବ ନାହିଁ । ଏଥିପାଇଁ ଧୌର୍ଯ୍ୟ ରଖିବା ଦରକାର । ଖର୍ଚ୍ଚ ହ୍ରାସ ପାଇଁ ନୂଆରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ ତେବେ ଦୃଷ୍ଟି ଦେବାର ବିଷୟ ହେଉଛି ଏହି ଯୋଜନାରେ ଉଭୟଙ୍କ ଭାଗିଦାରୀ ରହିବା ଆବଶ୍ୟକ ।

■ ଅଯଥା ଖର୍ଚ୍ଚ ରୋକିବା ପାଇଁ ଭୟ ଏକାଠି ବସି ଏକ ବିସ୍ତୃତ ଲିଖିତ ଯୋଜନାପ୍ରସ୍ତୁତ କରିବା ଆବଶ୍ୟକ । କାରଣ କଥାରେ ଦେଇଥିବା ପ୍ରତିଶ୍ରୁତିରେ ହିଁ ରହିଯାଇଥାଏ । କେତେ ପଇସା ଘରକୁ ଆସୁଛି, କେତେ ବଞ୍ଚୁଛି, କେତେ ପିଲାଙ୍କ ପାଠ ପଢ଼ାରେ ଖର୍ଚ୍ଚ ହେଉଛି ତାହାର ମଧ୍ୟ ହିସାବ ରଖିବା ଦରକାର ।

■ ଅଯଥା ଖର୍ଚ୍ଚ ରୋକିବା ପାଇଁ ଜଏଣ୍ଟ ଆକଉଣ୍ଟ ଖୋଲିବା ମଧ୍ୟ ବୁଦ୍ଧିମାନର କାର୍ଯ୍ୟ । ଏହାଦ୍ୱାରା କେତେ ଟଙ୍କା ଜମା ହେଉଛି ଆଉ କେତେ ଉଠୁଛି ତାହାର ଏକ ସଠିକ୍ ସୂଚନା ଉଭୟଙ୍କ ନିକଟରେ ରହିପାରିବ ।

■ ବାହାରକୁ ସପିଂ ପାଇଁ ଗଲାବେଳେ ଅନେକ ସମୟରେ ଆବଶ୍ୟକ ନଥିବା ଜିନିଷକୁ କିଣିବା ପାଇଁ ମନବଳିଥାଏ । ତେଣୁ ଅଯଥା ଖର୍ଚ୍ଚ ରୋକିବାକୁ ହେଲେ ସପିଂ ବାହାରିବା ପୂର୍ବରୁ ଏକ ତାଲିକା ପ୍ରସ୍ତୁତ କରିବା ଦରକାର । ସେହିପରି ଅନଲାଇନ ସପିଂ ଠାରୁ ମଧ୍ୟ ଦୂରରେ ରହିବା ଦରକାର ।

■ ଯଦି ଦୀର୍ଘ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇପାରୁନାହିଁ, ତେବେ ଜଣେ ଆର୍ଥିକ ପରାମର୍ଶଦାତାଙ୍କ ସହଯୋଗ ମଧ୍ୟ ଆପଣ ନେଇପାରିବେ ।

ଫେସନରେ ଧୋତି ପ୍ୟାଣ୍ଟ

ଧୋତି-ପାଣ୍ଟ ଏବେ ଫେସନରେ । ବଜାରରେ ବିଭିନ୍ନ ପ୍ରକାରର କପଡ଼ାରେ ତିଆରି ରଙ୍ଗ-ବେଙ୍ଗର ଧୋତି ପ୍ୟାଣ୍ଟ ମିଳୁଛି । ଢିଲା ହୋଇଥିବାରୁ ଗରମ ଦିନରେ ଏହା ପିନ୍ଧିବା ବେଶ୍ ଆରାମଦାକୟ । ଉତ୍ସବ-ଆସର, ବଜାର-ଘାଟ ସବୁଆଡ଼େ ଏହା ପିନ୍ଧି ଯାଇ ପାରିବେ । ଛୋଟ କୁର୍ତ୍ତା ତଥା ଦେହକୁ ଖାପ ଖାଉଥିବା ଲମ୍ବା ଟି-ସାର୍ଟ ସହ ଧୋତି ପ୍ୟାଣ୍ଟ ପିନ୍ଧାଯାଇପାରେ । ପାର୍ଟିକୁ ଯିବାର ଥିଲେ ଗାଢ଼ ରଙ୍ଗର ଧୋତି ପ୍ୟାଣ୍ଟ ଉପରେ ଛୋଟ ଟି-ସାର୍ଟ ଏବଂ ବ୍ଲେଜର ପିନ୍ଧି ପାରିବେ । ବଡ଼ବଡ଼ ଫୁଲ-ପକା ଗୋଲାପୀ, ସବୁଜ, ନୀଳ ଓ ଲାଲ ରଙ୍ଗର ଧୋତି ପ୍ୟାଣ୍ଟ ସହ ଖୋଲା ହାତ ଟି-ସାର୍ଟ ଏବଂ ଟୋପି ପିନ୍ଧିଲେ ନିଆରା ଲାଗିବ । ଏହା ସହ ସ୍ଲିପର ଗ୍ଲାଡ଼ିଏଟର ସାଣ୍ଡାଲ ଭଲ ମାନେ । ଏହା ସହ ଲମ୍ବା ରଙ୍ଗ-ବେରଙ୍ଗ ହାର ପକାନ୍ତୁ । ଏବଂ ଝୁଲା ବ୍ୟାଗ ଧରନ୍ତୁ ।

ଭ୍ୟାନିଟି ବ୍ୟାଗରେ ରଖିବାକୁ ଭୁଲନ୍ତୁ ନାହିଁ

ଗରମ ଦିନରେ ଆପଣଙ୍କ ନିଜ ଜିନିଷ ଉପରେ ଧ୍ୟାନ ଦେବାର ଆବଶ୍ୟକତା ବହୁତ ରହିଛି । ହାଇଜିନରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ଖାଇବା ପର୍ଯ୍ୟନ୍ତ ସବୁକିଛି ସନ୍ତୁଳିତ ହେବା ଆବଶ୍ୟକ ନହେଲେ ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିପାରେ । ସାଧାରଣତଃ ସମସ୍ତେ ନିଜର ଆବଶ୍ୟକ ଜିନିଷ ପ୍ରତି ଧ୍ୟାନ ରଖିଥାଆନ୍ତି । ତେଣୁ କେତୋଟି ଜିନିଷ ଆପଣ ବାହାରକୁ ବାହାରିବା ସମୟରେ ବ୍ୟାଗରେ ରଖିବାକୁ ଭୁଲନ୍ତୁ ନାହିଁ ।

ପାଣିବୋତଲ: ସବୁ ଆବଶ୍ୟକ ଜିନିଷଠାରୁ ବେଶୀ ଜରୁରୀ ପାଣି । ଆପଣ ପାଣି ବୋତଲକୁ ବିଲକୁଲ ଭୁଲନ୍ତୁ ନାହିଁ । ଗୋଟେ ଛୋଟ ପାଣି ବୋତଲ ବ୍ୟାଗରେ ନିଶ୍ଚିତ ଭାବରେ ରଖନ୍ତୁ ।

ଓ୍ୱାଇପସ୍: ଗରମରେ ଝାଳ ବହୁତ ବାହାରେ ଯାହା ଦ୍ୱାରା ସ୍କିନରେ ମଇଳା ଜମିବାର ବିପଦ ରହିଛି । ସେଥିପାଇଁ ଓଦା ଓ୍ୱାଇପସ ଆପରଙ୍କ ସହିତ ରଖନ୍ତୁ । ଯେତେବେଳେ ମୁହଁରୁ ଝାଳ ବାହାରିବ ତେବେ ଓ୍ୱାଇପସର ସାହାଯ୍ୟରେ ପୋଛନ୍ତୁ । ଏଥିରେ ଚେହେରା ସତେଜ ରହିବ ।

ଗୋଲାପ ଜଳ: ଗରମ ଦିନରେ ଯାଦୁ ପରି ପ୍ରଭାବ ପକାଏ ଗୋଲାଜଳ । ଗରମ ଦିନରେ ଶରୀର ସହିତ ସ୍କିନକୁ ମଧ୍ୟ ହାଇଡ୍ରେସନର ଆବଶ୍ୟକ ହୁଏ । ଏମିତିରେ ଗୋଲାପ ଜଳକୁ ସ୍କିନରେ ଛିଞ୍ଚି ସ୍କିନକୁ ହାଇଡ୍ରୋଟେଡ୍ ରଖିପାରିବେ ।

ସନ୍‌ଗ୍ଲାସ୍: ସ୍କିନ୍ ପାଇଁ ଯେତେ ଜରୁରୀ ସନସ୍କ୍ରିନ୍ ଲୋସନ ଆଖି ପାଇଁ ମଧ୍ୟ ସନ୍‌ଗ୍ଲାସ୍‌ର ସେତିକି ଆବଶ୍ୟକ । ଭଲ କ୍ୱାଲିଟିର ସନଗ୍ଲାସ କିଣନ୍ତୁ ଓ ଖରାରେ ବାହାରିଲେ ଏହାକୁ ବ୍ୟବହାର କରନ୍ତୁ ।

ପରଫ୍ୟୁମ୍: ଝାଳଗନ୍ଧରୁ ରକ୍ଷା ପାଇବା ପାଇଁ ଡିୟୋଡ୍ରେଣ୍ଟ ଆପଣଙ୍କ ସହିତ ରଖନ୍ତୁ । ଆପଣ ଯଦି ଚାହିଁବେ ପକେଟ୍ ସାଇଜ ରୋଅନର ବି ବ୍ୟବହାର କରିପାରିବେ ।

ଆଙ୍ଗୁଠି ଟଣା ଖେଳ

ଗୋଡ ଟଣାଟଣି କରିବା କଥା ଆପଣମାନେ ଜାଣିଥିବେ, କିନ୍ତୁ କେବେ ଆଙ୍ଗୁଠି ଟଣାଟଣି କରିବା କଥା ଶୁଣିଛନ୍ତି କି ? ଯଦି ନାଁ ତାହେଲେ ଆପରାଙ୍କୁ ଜର୍ମାନୀ ଯାଇ ଏହା ଦେଖିବା ନି।ଚିତ ଦରକାର। ଏଠାରେ ଶାବରୀୟ ରାଜ୍ୟର ବହୁଲୋକଙ୍କୁ ପରସ୍ପରର ଆଙ୍ଗୁଠି ଟାଣିବାର ଦେଖିବାକୁ ମିଳିବ । ସୂଚନାମୂତାବକ ଆଙ୍ଗୁଠି ଟାଣିବା ଖେଳର ଆରମ୍ଭ ଜର୍ମାନୀ, ଫିନଲ୍ୟାର୍ଡ, ଶାବରୀୟା ଆଦି ସ୍ଥାନରେ ବହୁ ବର୍ଷ ପୂର୍ବରୁ ହୋଇଥିଲା । ତେବେ ଆବରୀୟାର ଏକ ଗ୍ରାମରେ ଥିବା ଦୁଇ ପରିବାର ମଧ୍ୟରେ ବହୁ ଦିନ ଧରି ଚାଲିଥିବା ଏକ ବିବାଦକୁ ସମାଧାନ କରିବାକୁ ଯାଇ ଗାଁର ମୁଖିଆମନେ ଏକ ଭିନ୍ନ ରାସ୍ତା ବାଛିଥିଲେ । ସେମାନେ ଉଭୟ ପରିବାର ର ସଦସ୍ୟଙ୍କ ଭିତରେ ଆଙ୍ଗୁଠି ଟାଣିବା ଖେଳର ଆରମ୍ଭ କରିଦେଲେ । ତେବେ ଯେଉଁ ପକ୍ଷ ଏହି ଖେଳରେ ଜିତିଥିଲା ତାହାତରେ ସମାଧାନର ଭାର ରଖାଯାଇଥିଲା ଏବଂ ଏହା କରିବା ଦ୍ୱାରା ଲୋକମାନଙ୍କ ମଧ୍ୟରେ ସମାଧାନର ବାଟ ବାହାରିବା ସହ ପରସ୍ପର ମଧ୍ୟରେ ବୁଝାମଣା ଠିକ୍ ହୋଇଥିଲା । ତେବେ ଧୀରେଧୀରେ ଏହି ଖେଳଟିର ଲୋକପ୍ରିୟତା ବଢ଼ିବାର ଲାଗିଲା ଏବଂ ଏହି ଖେଳକୁ ୟୁରୋପିୟନମାନେ ମଧ୍ୟ ଖେଳିବାକୁ ଲାଗିଲେ । ଏହି ଖେଳର ନାମଥିଲା "ଫିଙ୍ଗରଫାଇଟ୍", "ଫିଙ୍ଗରପୁଲିଙ୍ଗ", ଫିଙ୍ଗର ରେସ୍ଲିଙ୍ଗ" କିମ୍ବା "ଫିଙ୍ଗରହାକଲେନ" । ତେବେ ଏହି "ଫିଙ୍ଗରହାକଲେନ" ଖେଳର ଅଭ୍ୟାସ ସମୟରେ ଦୁଇ ବିପକ୍ଷ ଦଳ ପରସ୍ପରର ବୀପରିତ ଟେବୁଲରେ ବସନ୍ତି ଏବଂ ପ୍ରତିଦ୍ୱନ୍ଦୀ ଦଳ ଟେବୁଏର ବୀପରୀତ କୋଣକୁ ଆଙ୍ଗୁଠିକୁ ଧରି ଟାଣିବାକୁ ଚେଷ୍ଟା କରନ୍ତି । ତେବେ ଏହି ଖେଳଟିକୁ ଖେଳିବା ପାଇଁ ଯ୍ରେନିଙ୍ଗ ମଧ୍ୟ ଦିଆଯୁଅଛି । ଲୋକମାନେ ଘଣ୍ଟ ଘଣ୍ଟା ଧରି ପରିଶ୍ରମ କରନ୍ତି ପରସ୍ପରକୁ ହରାଇବା ପାଇଁ ଏଥିସହ ନୂଆ ନୂଆ ପ୍ରଣାଳୀ ମଧ୍ୟ ଶିଖନ୍ତି ।

ମହୁର ଔଷଧୀୟ ଉପଚାର

ଅଦା ରସରେ ମହୁ ମିଶାଇ ସେବନ କଲେ କାଶ ହେଉଥିଲେ ଆରାମ ମିଳିଥାଏ ।

ଙ୍କ ପାଚିଲା ଆମ୍ବ ରସରେ ମହୁ ମିଶାଇ ଦେଲେ ଜଣ୍ଡିସରେ ଲାଭ ପ୍ରଦ ହୋଇଥାଏ ।

ଙ୍କ ଯେଉଁ ପିଲାମାନଙ୍କୁ ଚିନି ଖାଇବାକୁ ମନା ହୋଇଥାଏ, ସେମାନେ ଚିନି ସ୍ଥାନରେ ମହୁ ବ୍ୟବହାର କରି ପାରିବେ ।

ଙ୍କ ବାନ୍ତି ହେଉଥିଲେ ପୋଦିନା ରସ ସହିତ ମହୁ ମିଶାଇ ପ୍ରୟୋଗ କଲେ ଲାଭପ୍ରଦ ଅଟେ ।

ଙ୍କ ଶୁଷ୍କ ତ୍ୱଚା ଉପରେ ମହୁ, କ୍ଷୀରର କ୍ରିମ ଏବଂ ବେସନ ମିଶାଇ ଏକ ମିଶ୍ରଣ ତିଆରି କରନ୍ତୁ । ଏଥିରେ ତ୍ୱଚାର ଶୁଷ୍କତା ଦୂର ହୋଇ ଲାବଣ୍ୟତା ମିଳିଥାଏ ।

ଙ୍କ ଗୋଟିଏ ଗ୍ଲାସ ଦୁଗ୍ଧରେ ଚିନି ନପକାଇ ମହୁ ମିଶାଇ ରାତିରେ ପିଇଲେ ଶରୀର ସୁଡଳ, ହୃଷ୍ଟପୁଷ୍ଟ ଏବଂ ବଳଶାଳୀ ହୋଇଥାଏ ।

ଙ୍କ ପିଆଜ ରସ ସହିତ ସମାନ ପରିମାଣରେ ମହୁ ମିଶାଇ ଚାଟିଲେ କଫ ବାହାରି ଯାଇଥାଏ ତଥା ଅନ୍ତନଳୀରେ ଜମା ହୋଇଥିବା ବିଜାତୀୟ ଦ୍ରବ୍ୟ ଦୂର କରିଥାଏ । ଏହାକୁ ପାଣିରେ ମିଶାଇ ପିଇଲେ ଲାଭ ମିଳିଥାଏ ।

ଙ୍କ ହୃଦୟର ଧମନୀ ପାଇଁ ମହୁ ବହୁତ ଶକ୍ତିବର୍ଦ୍ଧକ ଅଟେ । ଶୋଇବା ସମୟରେ ମହୁ ଏବଂ ଲେମ୍ବୁ ରସ ମିଶାଇ ଏକ ଗ୍ଲାସ ପାଣି ପିଇଲେ ଦୁର୍ବଳ ହୃତ୍‌ପିଣ୍ଡରେ ଶକ୍ତି ସଞ୍ଚାର ହୋଇଥାଏ ।

ଙ୍କ ପେଟରେ ହୋଇଥିବା ଛୋଟମୋଟ ଘା ଏବଂ ଆରମ୍ଭ ହେଉଥିବା ଅଲସରରେ ମହୁକୁ ଦୁଗ୍ଧ ସହିତ କିମ୍ବା ଚା ସହିତ ସେବନ କଲେ ଠିକ୍ ହୋଇପାରେ ।

ଙ୍କ ଶୁଖିଲା କାଶରେ ମହୁ ସହିତ ଲେମ୍ବୁ ରସ ସମାନ ମାତ୍ରାରେ ମିଶାଇ ସେବନ କଲେ ଲାଭ ମିଳିଥାଏ ।

ଙ୍କ ଉଚ୍ଚ ରକ୍ତଚାପରେ ମହୁକୁ ରସୁଣ ସହିତ ସେବନ କଲେ ଲାଭ ମିଳିଥାଏ ।

ଙ୍କ ଅଦା ରସରେ ସମାନ ମାତ୍ରାରେ ମହୁ ମିଶାଇ ଚାଟିଲେ ଶ୍ୱାସ କଷ୍ଟ ଦୂର ହୋଇଥାଏ ଏବଂ ହିଚ୍‌କି ଆସିବା ବନ୍ଦ ହୋଇଥାଏ ।

ଆସାମର ଅଦଳ-ବଦଳ ମେଳା

ପ୍ରତ୍ୟେକ ଜିନିଷର କିଛି ନା କିଛି ମୂଲ୍ୟ ରହିଛି । ଆମେ କୌଣସି ଜିନିଷଟିଏ ଘରକୁ ଆଣିବାକୁ ଇଚ୍ଛା କଲେ ପ୍ରଥମେ ତାର ମୂଲ୍ୟ ପରିଶୋଧ କରି ଜିନିଷଟିକୁ ଦୋକାନୀଠାରୁ କିଣୁ । କିନ୍ତୁ ଆଜିକାଲି ଯୁଗରେ ବିନା ଟଙ୍କାରେ ମଧ୍ୟ ଜିନିଷ ମିଳିପାରୁଛି । ମାଗଣାରେ ଏହି ଜିନିଷ କେବଳ ଆସାମରେ ଆୟୋଜିତ ଏହି ମେଳାରୁ ମିଳିପାରେ । ଆସାମରେ ତିନିଦିନ ଧରି ଚାଲୁ ରହୁଥିବା ଏହି ମେଳାରେ ଆପଣ କୌଣସି ବି ଜିନିଷ ଘରକୁ ଆଣିବାରିବେ । ବିନା ମୂଲ୍ୟରେ । ମେଳାରେ ଆସାମର ଆଦିବାସୀ ସବୁ ପ୍ରକାର ଲୋକ ସାମିଲ ହୁଅନ୍ତି । ମେଳାରେ ପଡ଼ିଥିବା ନିର୍ଦ୍ଧାରିତ ମୂଲ୍ୟ ସ୍ଥିର କରାଯାଇଥିବାବେଳେ ଏହି ଜିନିଷ ଗୁଡ଼ିକୁ ଆଣିବା ପାଇଁ ଗ୍ରାହକମାନଙ୍କୁ ଆଧୁନିକ ମୁଦ୍ରା ଦେବାର ପ୍ରଚଳନ ହୋଇ ନ ଥାଏ । ଏଠାକୁ ଆସୁଥିବା ଲୋକେ ଜିନିଷ ଅଦଳ ବଦଳ କରି ଘରକୁ ନିଜ ଦରକାରୀ ଜିନିଷ ନେଇ ଆସନ୍ତି । ଆଦିବାସୀ ଲୋକେ ଜଙ୍ଗଲରୁ ଯେଉଁ ଦ୍ରବ୍ୟ ସଂଗ୍ରହ କରନ୍ତି ତାକୁ ମେଳା ବଜାରରେ ସେମାନେ ସାମିଲ କରନ୍ତି । ୫ଶହ ବର୍ଷ ଧରି ଚାଲି ଆସୁଥିବା ଏହି ମେଳାରେ ପାହାଡ଼ି ଜନଜାତି ଓ ସାଧାରଣ କୃଷକଙ୍କ ଭିତରେ ଜିନିଷର କିଣା ବିକା ବିଶେଷ ଭାବେ ଦେଖାଯାଏ । ଏହା ବ୍ୟତୀତ ମେଳାରେ ସାମୁଦ୍ରିକ ମାଛ ଧରିବାର ପରମ୍ପରା ରହିଥିବାବେଳେ ମେଳାର ଶେଷ ଦିନ ଐତିହାସିକଗୋଭା ରାଜାଙ୍କର ରାଜଦରବାର ବସାଯାଏ ଯେଉଁଥିରେ ପ୍ରତି ଜନଜାତୀର ଲୋକଭାଗ ନିଅନ୍ତି ।

ସ୍ନାନ କରିବାର ନିୟମ

ଗବେଷକଗଣ ନିକଟରେ ସଂଖ୍ୟାଧିକ ଲୋକଙ୍କ ଉପରେ ପରୀକ୍ଷା କରି ପ୍ରକାଶ କରିଛନ୍ତି ଯେ ନିୟମିତ ଥଣ୍ଡା ପାଣିରେ ସ୍ନା କରୁଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ଉତ୍ତମ ରହିଥାଏ । ଏଥିରେ ବିଭିନ୍ନ ବର୍ଗର ତଥା ବୟସର ଲୋକେ ଅଂଶ ଗ୍ରହଣ କରିଥିଲେ । ପ୍ରତ୍ୟେକ ଋତୁରେ ଥଣ୍ଡା ପାଣିରେ ସ୍ନାନ କରୁଥିବା ଲୋକଙ୍କ ରୋଗପ୍ରତିରୋଧକ ଶକ୍ତି ଉତ୍ତମ ବୋଲି ଏହି ଗବେଷଣାରୁ ଜଣାପଡ଼ିଛି । ଅନ୍ୟ ବ୍ୟକ୍ତିଙ୍କ ତୁଳନାରେ ଏହି ଲୋକେ କମ୍ ରୋଗାକ୍ରାନ୍ତ ହେଉଥିବାର ପ୍ରକାଶ । ଏକି ଗିଲାସ 'ଳ ରସ କିମ୍ବା ପରିବା ରସ ପିଇଲେ ଯେଉଁ ପରିମାଣରେ ଶକ୍ତି ମିଳେ, ଥଣ୍ଡା ପାଣିରେ ସ୍ନାନ କଲେ ସେହି ପରିମାଣରେ ଶକ୍ତି ମିଳିଥାଏ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି । ପ୍ରାଚୀନ କାଳରେ ଥଣ୍ଡା ତଥା ଶୀତଳ ଜଳରେ ସ୍ନା କରିବା ଏକ ପରମ୍ପରା ଥିଲା । ସେ ସମୟରେ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ସହ ରୋଗପ୍ରତିରୋଧକ ଶକ୍ତି ଉତ୍ତମ ଥିବାର ଅନେକ ତଥ୍ୟ ମିଳିଛି । ସେଥିପପାଇଁ ଗବେଷକମାନେ ଉଷୁମ ପାଣିରେ ସ୍ନାନ ନକରି ଥଣ୍ଡା ପାଣିରେ ସ୍ନାନ କରିବାକୁ ପରାମର୍ଶ ଦେଇଛନ୍ତି ।

ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଟ୍ୟୁମରର କାରଣ

ମୋବାଇଲ ଫୋନ୍ ବିନା ଆଜିକାଲି ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ତେବେ ସେଲ୍‌ଫି ଫୋନ୍ ଯେ ଆମର ପ୍ରଭୂତ କ୍ଷତି କରୁଛି ସେ ବିଷୟରେ ଅନେକ ଅଙ୍କ । ଅତ୍ୟଧିକ ସେଲ୍‌ଫ ଫୋନ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଫ୍ରାନ୍ସର ଗବେଷକମାନେ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ସୂଚନା ଦେଇ କହି ସାବଧାନ କରାଇଦେଇଛନ୍ତି । ଏ ନେଇ ସେମାନେ ଅଧିକ ଅନୁଧ୍ୟାନ କରୁଛନ୍ତି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ପିଟସବର୍ଗ ବିଶ୍ୱବିଦ୍ୟାଳୟର ମସ୍ତିଷ୍କ ଟ୍ୟୁମର ବିଶେଷଜ୍ଞ ଡକ୍ଟର ଏଲ୍ ଡାଡେ କହିଛନ୍ତି ଅତ୍ୟଧିକ ଫୋନ୍ ବ୍ୟବହାର ଓ ଟ୍ୟୁମର ସମସ୍ୟ ନେଇ ଏହା ପ୍ରଥମେ ଅଧ୍ୟୟନ ନୁହେଁ । ଗର୍ଭବତୀଙ୍କୁ ଚାପମୁକ୍ତ ରଖେ ଯୋଗ ଗର୍ଭାବସ୍ଥାରେ ଯୋଗ କଲେ ତାହା ଗର୍ଭବତୀଙ୍କ ପାଇଁ ହିତକର ହୋଇଥାଏ । ଏହା ସେମାନଙ୍କୁ ଚାପମୁକ୍ତ ରଖିବା ସହିତ ପିଲା ଜନ୍ମକୁ ନେଇ ଥିବା ବିଭିନ୍ନ ସମସ୍ୟା ଟାଳିଥାଏ ବୋଲି ଗବେଷକମାନେ ଜଣାଇଛନ୍ତି । ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଗର୍ଭାସ୍ଥାରେ ଯୋଗ କରିବା ଏକ ବଢ଼ିଆ ବ୍ୟାୟାମ । ଏହି ସମୟରେ ହେଉଥିବା ପିଠି ଯନ୍ତ୍ରଣା, ସାଇଟିକା ଏବଂ ଅନ୍ୟାନ୍ୟ ବ୍ୟଥା ଓ ଯନ୍ତ୍ରଣା ଯୋଗ ଦ୍ୱାରା ଦୂର ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା ପ୍ରସବ ଅପେକ୍ଷାକୃତ ସହଜ ଓ କମ୍ ସମୟରେ ହୋଇଥାଏ । ଏହି ସମୟରେ ଖାସ୍ କରି ୫ଟି ଯୋଗାସନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ସେହି ଆସନଗୁଡ଼ିକ ହେଲା ବଦ୍ଧା କୋଣାସନ, ଦଣ୍ଡାସନ, ମଜାରାଆସନ ଓ ଅଧୋ ମୁଖା ସ୍ୱନାସନ । ତେବେ ଏହା ଅଧିକ ଦେହ ପ୍ରତି କ୍ଷତି ଆଣିପାରେ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସ୍ୱାଗତଯୋଗ୍ୟ...

ରାଜ୍ୟ ମନ୍ତ୍ରିମଣ୍ଡଳର ବର୍ଷାନ୍ତ ବୈଠକରେ ଗୃହୀତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ଭିତରେ ସରକାରୀ ସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉଚ୍ଚତର ଅଧ୍ୟୟନ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥା କରାଯିବା ଯଥେଷ୍ଟ ଉଲ୍ଲେଖନୀୟ। ମେଡିକାଲ ଓ ଇଂଜିନିୟରିଂରେ ଉଚ୍ଚତର ଅଧ୍ୟୟନ ପାଇଁ ଅନେକ କାରଣରୁ ବଂଚିତ ହେଉଥିବା ପିଲାମାନଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସଂକଳ୍ପ ପାରିତ କରିଥିବାରୁ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ମହଲ ଆନନ୍ଦ ଜାହିର କରିଛନ୍ତି। ବେସରକାରୀ ମଧ୍ୟରେ ସିବିଏସଇ ଓ ଆଇସିଏସ୍‌ସି ପାଠ୍ୟକ୍ରମରେ ପଢ଼ାଯାଉଥିବା ସ୍କୁଲଗୁଡ଼ିକରେ ବ୍ୟୟବହୁଳ ଶିକ୍ଷାଦାନ ପାଇଁ ଅଭିଭାବକମାନେ ସାଧାରଣରେ ସକ୍ଷମ ହୋଇପାରୁନଥିଲେ। ସରକାରୀ ବିଦ୍ୟାଳୟଗୁଡ଼ିକରୁ ଅଭିଭାବକ ମାନେ ଓ ଛାତ୍ରଛାତ୍ରୀ ମୁହଁ ଫେରାଇ ନେଉଥିବାରୁ ଉପସ୍ଥାନ ହାର ଯଥେଷ୍ଟ ଉଣା ହୋଇଯାଉଥିଲା। ସ୍ଥଳବିଶେଷରେ ବହୁ ବିଦ୍ୟାଳୟରେ ଶିକ୍ଷାର୍ଥୀ ନହେବାରୁ ସେଗୁଡ଼ିକୁ ମଧ୍ୟ ବନ୍ଦ କରିଦିଆଯାଉଥିବାର ଦେଖାଯାଉଛି। ଅଧିକ ଖର୍ଚ୍ଚ ବହନ କରିନପାରିବା ଅଭିଭାବକମାନେ ଆର୍ଥିକ ସ୍ଥିତିକୁ ବିଚାରକୁ ନେଇ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଧିକ ପ୍ରତିଯୋଗିତାମୂଳକ ହେବାରେ ସହାୟକ ହେବା ଲକ୍ଷ୍ୟରେ ଏହି ସଂରକ୍ଷଣ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଶିକ୍ଷା ବର୍ଷରୁ ହିଁ ନୂତନ ନିଷ୍ପତ୍ତି କାର୍ଯ୍ୟକାରୀ ହେବାକୁ ଯାଉଛି। ସରକାରୀ ହାଇସ୍କୁଲଗୁଡ଼ିକରେ ପଢୁଥିବା ପିଲାମାନଙ୍କ ସକାଶେ ମେଡିକାଲ ଓ ଇଂଜିନିୟରିଂ ସ୍ରୋତରେ ସାମିଲ କରାଯିବା ପାଇଁ ରାଜ୍ୟ ସରକାର ଯେଉଁ ସିଦ୍ଧାନ୍ତ ନେଇଛନ୍ତି, ତାହାର ଉଭୟ ତତ୍କାଳ ଓ ସୁଦୂର ପ୍ରସାରୀ ସୁଫଳ ରହିବ। ଗ୍ରାମାଂଚଳରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଅଥଚ ମେଧାବୀ ଛାତ୍ରମାନଙ୍କ ସକାଶେ ଏହି ନିଷ୍ପତ୍ତି ବରଦାନ ସାବ୍ୟସ୍ତ ହେବ, ଏହା ନିଃସନ୍ଦେହରେ କୁହାଯାଇପାରେ। ସେମାନଙ୍କର ଛାତ୍ରଜୀବନର ସ୍ୱପ୍ନ ନିଶ୍ଚିତରୂପେ ସାର୍ଥକ ହେବାରେ ପଥ ସୁଗମ କରିବ ଏହି ନିଷ୍ପତ୍ତି। ଦଳମତ ବିଚାରର ଊର୍ଦ୍ଧ୍ୱକୁ ଯାଇ ବିଚାର କରାଗଲେ ବର୍ଷବର୍ଷ ଧରି ଅବହେଳିତ ଅବସ୍ଥାରେ ଥିବା ଗରିବ ଅଭିଭାବକ ହୁଅନ୍ତୁ କି' ଛାତ୍ରଛାତ୍ରୀ ଅବସ୍ଥାଚକ୍ରରେ ପଡ଼ି ବଣମଲ୍ଲୀ ବଣରେ ଫୁଟି ମଉଳିଯିବା ଭଳି ହେଉଥିଲେ। ସେମାନଙ୍କ ଭିତରେ ଥିବା ସମ୍ଭାବନାର ବିକାଶ ଲାଗି ଅନୁକୂଳ ସ୍ଥିତି ମିଳିଲେ ହୁଏତ ଭବିଷ୍ୟତରେ ଉତ୍ତମ ନାଗରିକ ରୂପେ ସେମାନେ ଛିଡ଼ା ହୋଇ ନିଜ ପରିବାର ତଥା ସମାଜକୁ ପର୍ଯ୍ୟାପ୍ତ ସେବା ଯୋଗାଇ ଦେଇପାରିବେ। ନିଷ୍ପତ୍ତି କାର୍ଯ୍ୟକାରୀ ହେବା ପୂର୍ବରୁ ଅଭିଜ୍ଞ ଶିକ୍ଷାବିତ୍ ତଥା ବୁଦ୍ଧିଜୀବୀମାନଙ୍କୁ ନେଇ ଅବସରପ୍ରାପ୍ତ ଜଣେ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହେବ। କମିଟି ପ୍ରସ୍ତାବ ଉପରେ ତାଙ୍କର ସୁଚିନ୍ତିତ ସୁପାରିସ କରିବେ ବୋଲି କୁହାଯାଇଛି। ଆମ ରାଜ୍ୟରେ କରାଯାଇଥିବା ସୁଦୂରପ୍ରସାରୀ ସିଦ୍ଧାନ୍ତ ଜାତୀୟ ସ୍ତରରେ ଏକ ଦୃଷ୍ଟାନ୍ତ ଓ ଆଦର୍ଶ ସୃଷ୍ଟି କରିବ ବୋଲି ବିଶ୍ୱାସ କରାଯାଏ। ଏହି ପ୍ରମୁଖ ନିଷ୍ପତ୍ତି ସହ ଦୁର୍ନୀତି ଉତ୍ପାଟନ ଦିଗରେ ଏକ ପଦକ୍ଷେପ ସ୍ୱରୂପ ନିଷ୍ପତ୍ତି କରାଯାଇଛି କି, ନେତା ଓ ବାବୁମାନେ ସେମାନଙ୍କର ସମ୍ପତ୍ତି ତାଲିକା ଲୋକାୟୁକ୍ତଙ୍କ ନିକଟରେ ଦାଖଲ କରିବେ। ଲୋକାୟୁକ୍ତ ନିଯୁକ୍ତି ତଥା କାର୍ଯ୍ୟକାରିତା ନେଇ ରାଜ୍ୟ ସରକାର ଏକାଧିକ ପ୍ରମାଣ ରଖିବାକୁ ଚାହୁଁଛନ୍ତି। ଯେଉଁମାନେ ସରକାରୀ ଚାକିରିରେ ନିଯୁକ୍ତି ହେବେ, ବାର୍ଷିକ ସମ୍ପତ୍ତି ତାଲିକା ଦେବେ। ସେମାନଙ୍କଠାରୁ ଆରମ୍ଭ କରି ଉପର ହାକିମ ପର୍ଯ୍ୟନ୍ତ ସମସ୍ତଙ୍କୁ ସମ୍ପତ୍ତି ତାଲିକା ଦେବାକୁ ହେବ। ଚଳିତବର୍ଷ ହେଉଛି, ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳନ ବର୍ଷ। ତାହାକୁ ଅଧିକ ସ୍ମରଣୀୟ ଭାବେ ପାଳନ କରିବା ସକାଶେ ସରକାର ବହୁ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି। ଆଇନଜୀବୀମାନଙ୍କ ସକାଶେ ଥିବା କଲ୍ୟାଣ ପାଣ୍ଠିକୁ ଅଧିକ ସହାୟତା ପ୍ରଦାନ କରାଯିବାର ପ୍ରାବଧାନ ହେବ ବୋଲି ସ୍ଥିର ହୋଇଛି। ବରପୁତ୍ରମାନଙ୍କ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯିବ। ଗ୍ରନ୍ଥାଗାରିକ ନିଯୁକ୍ତି ନିୟମାବଳୀରେ ସଂଶୋଧନ ନିଷ୍ପତ୍ତି ସହ ଓଡ଼ିଶା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତିକୁ ନିୟମିତ କରାଯିବାର ନିଷ୍ପତ୍ତି ହୋଇଛି। ସବୁ ଦିଗରୁ ବିଚାର କରାଗଲେ ବର୍ଷାନ୍ତ ବୈଠକରେ ମନ୍ତ୍ରିମଣ୍ଡଳ ଯେଉଁ ସବୁ ସିଦ୍ଧାନ୍ତ ନେଇଛନ୍ତି, ତାହାର ଦୂରଗାମୀ ସୁଫଳ ଅବଶ୍ୟ ରହିଛି ବୋଲି କୁହାଯାଇପାରିବ। ଭବିଷ୍ୟତ ନାଗରିକମାନଙ୍କ ପାଇଁ ମୂଳଦୁଆକୁ ଦୃଢ଼ କରିବା ସକାଶେ ସରକାର ଯେଉଁ ଆସନ ସଂରକ୍ଷଣ ନିଷ୍ପତ୍ତି ନେଇଛନ୍ତି ତାହା କାଳ କାଳକୁ ଯୁଗାନ୍ତକାରୀ ସାବ୍ୟସ୍ତ ହେବ ବୋଲି ତଦ୍‌ବିଦ୍‌ମହଲର ମତ।

କରୋନା, କରୋନା...

ଅରୂପ କୁମାର ବିଶ୍ୱାଳ

କରୋନା କରୋନା କରୋନା,
ତିଆରି କରିଛି ଚାଇନା।
ସାରା ବିଶ୍ୱରେ ହଇଚଇ,
ମୃତ୍ୟୁର ଭୂତାଣୁ ବାଣ୍ଟଇ।
ଥଣ୍ଡା ଜ୍ୱର ଠୁ ଛିଙ୍କ କାଶ,
ଲକ୍ଷଣ ହେଲେ ପରକାଶ।
ରୋଗୀର କଫରୁ ଏ ବ୍ୟାପେ
ସଂକ୍ରମଣରୁ ଦେହ କମ୍ପେ।
ହାତରୁ ହାତ ଛୁଇଁ ଦେଲେ,
ଭୂତାଣୁ ଯାଇଥାଏ ଭଲେ।
ଫୁସଫୁସ ଅକାମୀ କରଇ
ଅନେକ ଯନ୍ତ୍ରଣା ଦିଅଇ।
ବୃଦ୍ଧ ଶିଶୁଙ୍କୁ ଆଗ ଧରେ,
ନିଶ୍ୱାସ ନେବା କଷ୍ଟ କରେ।
ଔଷଧ ନାହିଁ ଏ ରୋଗର,
କେବଳ ପ୍ରତିକାର ସାର।
ଏକ ମିଟର ଦୂରେ ଥିବ,
ମୁହଁରେ ମାସ୍କ ବାନ୍ଧିଥିବ।
କାମଟି ନଥିଲେ ଜରୁରୀ,
ଘରୁ ନଯିବ ଗୋଡ଼ କାଢ଼ି।
ଶପଥ ସମସ୍ତେ କରିବା,
ବାହାରେ କେବେ ନବୁଲିବା।
ବାହାରେ ବୁଲୁଛି ଭୂତାଣୁ,
କିମ୍ପା ଆଣିବା ଜାଣୁ ଜାଣୁ।
ବଜାର ଘାଟ ନ ବୁଲିବ,
ରୋଗର ଲକ୍ଷଣ ଦେଖିବ।
ଡାକ୍ତରଖାନା ନିଶ୍ଚେ ଯିବ,
ନିୟମ ମାନିଣ ଚଳିବ।
ଭୟଙ୍କର ଯେ ରୋଗ ଏହି,
ଶୁଣ ହେ ସର୍ବେ ମନ ଦେଇ।

ସହକାରୀ ଶିକ୍ଷକ
ଏନ୍.ଏ.ସି. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦୀପ,
ଜଗତସିଂହପୁର
ମୋ:୯୦୪୦୮୭୦୧୦୦

ସ୍ୱଚ୍ଛଳ ଶାସନତନ୍ତ୍ର : ଅଚଳ ଅର୍ଥନୀତି



ମାୟାଧର ନାୟକ

ଏବେ ସବୁଆଡେ ଶସ୍ତା ସ୍ଲୋଗାନ୍। ବସ୍ତାବସ୍ତା ଭାଷଣବାଜିର ରିହାତି-ରାଜନୀତି । ଏ ଦଳ କହୁଚି ସେ ଦଳ ଚୋର, ସେ ଦଳ କହୁଚି ଏ ଦଳ ତସ୍କର । ଲୋକେ କହୁଛନ୍ତି ସବୁ ଦଳ - ପଙ୍ଗପାଳ । ଶାସନତନ୍ତ୍ରର ଶସ୍ୟକ୍ଷେତ୍ରରେ ପ୍ରବେଶ କରିବା ପାଇଁ ସମସ୍ତେ ପାଗଳ । ଆଗେ ଆମର ରାଷ୍ଟ୍ରନୀତିଜ୍ଞ ଥିଲେ - ଯେଉଁମାନଙ୍କ ସଂଖ୍ୟାହ୍ରାସ ଘଟିଛି ଶୋଚନୀୟ ଭାବରେ । ଏବେ ଅବଶ୍ୟ ରାଜନୀତିଜ୍ଞ ଅଛନ୍ତି କେତେକ - ମାତ୍ର ଚଳନ୍ତି ରାଜନୀତିର ଚକ୍ରବ୍ୟୂହରେ ସେମାନେ ନିଷ୍ପ୍ରଭ ଚରିତ୍ର ଜଣେଜଣେ । ବର୍ତମାନର ରାଜନୀତି ଏକପ୍ରକାର ପ୍ରଜାଶୋଷଣଧର୍ମୀ ପ୍ରବୃତି ନହେଲେ ରାଜକୋଷଲୁଣ୍ଠନମୁଖୀ ବାଜନୀତି । ରାଜନୀତିକୁ ବାଜନୀତିରେ ବଦଳାଇ ଦେଇଥିବା ଅପଶକ୍ତିର ଆଙ୍କାବହ ବର୍ଗ ଗୋଟିଏ ଗୋଟିଏ ଦଳ ଗଢି ସାରା ଦେଶକୁ ଦଖଲ କରିବାକୁ ବ୍ୟଗ୍ର । ଏମାନେ କେବଳ ମିଥ୍ୟାଚାରୀ, ଭ୍ରଷ୍ଟାଚାରୀ, ବ୍ୟଭିଚାରୀ, ଅବିଚାରୀ ବା ମୁଖାଧାରୀ ନୁହନ୍ତି, ଦରକାର ପଡିଲେ ଏମାନେ ବି ଭାରତୀୟ ଗଣତନ୍ତ୍ରର ହତ୍ୟାକାରୀ ହେବାକୁ ହାତ ମିଳାନ୍ତି ପରସ୍ପର ସହିତ ।

ଗୋଟିଏ ଚୂଡାନ୍ତ ବିଡମ୍ବନାର ପର୍ଯ୍ୟାୟରେ ପହଂଚିସାରିଛି ଭାରତବର୍ଷର ରାଜନୀତି । ତାହା ହେଉଛି, କେବଳ ବଣିକବର୍ଗ ଓ ଧନିକବର୍ଗର ସମବାୟ ସମିତିକୁ ନେଇ ଗଢାହେଉଛି ଶାସନ ଓ ପ୍ରଶାସନ ବ୍ୟବସ୍ଥା । କେବଳ ଧନୀଲୋକେ ନିର୍ବାଚନୀ ରାଜନୀତିର ମଇଦାନରେ ଦଳୀୟ ଟିକେଟ୍ ପାଇ ଯାତ୍ରା ଦେଖାଉଛନ୍ତି ଜନଗଣଙ୍କୁ । ଜଣେ ଗରିବ ଲୋକ ଯେତେ ଯୋଗ୍ୟତା, ଦକ୍ଷତା ଓ ଆନ୍ତରିକତାର ଅଧିକାରୀ ହେଉ ପଛେ - ଏ ଚନ୍ଦନଚର୍ଚ୍ଚିତ ଚିହ୍ନାବ୍ରାହ୍ମଣମାନଙ୍କ ଚିତାଚଇତାନୀ ରାଜନୀତି ତାକୁ ନେତୃତ୍ୱ ସ୍ତରକୁ ଉନ୍ନୀତ କରାଇବାର ସୁଯୋଗ ଦିଏନା । ଗରିବ ଲୋକଟିଏ ଖୁବ୍ ବେଶିରେ ମୁଖିଆ କର୍ମୀ ପର୍ଯ୍ୟନ୍ତ ଯାଇପାରେ, ମାତ୍ର ଟିକେଟ୍ କିଣି ନିର୍ବାଚନ ଜିଣି ନେତା ହେବା କି ମନ୍ତ୍ରୀ ହେବା ତା'ପକ୍ଷରେ ସହଜ ବ୍ୟାପାର ନୁହେଁ ।

ଗଣତନ୍ତ୍ରରୁ ଗରିବ କ୍ରମେ ବିଦାୟ ନେଉଛି । ଗରିବ ନାଆଁରେ ଗୁରୁଗମ୍ଭୀର ଧ୍ୱନି ଦେଇ ଧନ୍ୟ ଏବେ ନିଜକୁ ବୋଲାଉଛି ନେତା - ଏ ଜନତାର ହର୍ତାକର୍ତା-ଦୈବ ବିଧାତା । ବ୍ୟୟବହୁଳ ନିର୍ବାଚନ କେବଳ ନକଲି ନେତୃତ୍ୱର ରାଜନୈତିକ ବିସ୍ତାରବାଦ ନିମନ୍ତେ ବାଟ ଫିଟାଉଛି । ଏହାଦ୍ୱାରା ଜାତୀୟ ସମ୍ପତି ଉପରେ ଶ୍ୱେନଦୃଷ୍ଟି ପକାଉଥିବା ଧନୀ ଧୂର୍ତମାନେ ଜାତୀୟ ବିପତିକୁ ନେଇ ମିନିଟିଏ ବି ମୁଣ୍ଡବ୍ୟଥାରେ ଘାରି ହେଉଥିବା ଉପଲବ୍ଧି କରିପାରୁନାହାନ୍ତି କେହି । 'ଦାରିଦ୍ର୍ୟ' ଏଭଳି ଏକ ସୂତ୍ର, ଯାହାକୁ ନେଇ ଏଠି ଏବେ ରାଜନୈତିକ ଦାରିବୃତି ନିଜ ନିଷିଦ୍ଧ ବଜାର ବିଛାଇବାର ବେଶ୍ ସଫଳ ହୋଇପାରିଛି । କିନ୍ତୁ ଏ 'ସଫଳତା' ଆମ ଜାତୀୟ ବ୍ୟର୍ଥତାକୁ ସାରା ଦୁନିଆ ଦରବାରରେ ସାବ୍ୟସ୍ତ କରିସାରିଛି ଶତସହସ୍ରଗୁଣ ।

ଜନତା ଦିନକୁଦିନ ଦରିଦ୍ର ହେଉଥିବାବେଳେ ନେତା ହେଉଛି ଧନୀ ଓ ମାନୀ । ଧନବଳରେ ଏଠି ଆୟତ କରାଯାଇପାରୁଛି ଜନବଳକୁ। ମନୋବଳ ଭାଙ୍ଗିପଡୁଛି ଯୁବପିଢିର । ବାଟବଣା ହେଉଛି ବେକାର ଯୁବକ, ବେରୋଜଗାର ଗରିବ, ନିଃସ୍ୱ କୃଷକ, ନିର୍ଦ୍ଧନ ଶ୍ରମିକ - ସାଧାରଣ ସର୍ବହରା ମଣିଷ । ରାଜନୀତି ଏଠି ଚାଲିଚି ବହୁଦଳୀୟ ଏକ ସୁପରିକଳ୍ପିତ ଯୋଜନାରେ । ସେ ଯୋଜନାର ସୂତ୍ରଧର ହେଉଛନ୍ତି ବିଦେଶୀ ପୁଁ ଉପରେ ପ୍ରତିଷ୍ଠିତ ଦେଶୀ ଶିଳ୍ପପତି ଗୋଷ୍ଠୀ ଏବଂ ସେମାନଙ୍କ ଭତାରେ ପରିପାଳିତ ଓ ପରିଚାଳିତ ଏ ଦେଶର ସୁବିଧାବାଦୀ ନ୍ୟସ୍ତସ୍ୱାର୍ଥ ସ୍ୱଚ୍ଛଳ ରାଜନୈତିକ ନେତୃପକ୍ଷ । ଦେଶ ଓ ଜାତିକୁ ନେଇ ଛଦ୍ମଚରିତ୍ରବର୍ଗ ଟେକି ଦେଉଛନ୍ତି ଭୟଙ୍କର ଭବିଷ୍ୟତ ହାତରେ । ଏଠି ଚଷା ମୂଲିଆ ମାହାଳିଆ ମରୁଚି, ଯୁବକ ଅକାଳ ବାର୍ଦ୍ଧକ୍ୟ କରୁଚି, ଶିଶୁମୃତ୍ୟୁର ହାର ଆହୁରି ବଢୁଚି । ବଂଚୁଛନ୍ତି ସେଇମାନେ - ଯେଉଁମାନେ ଜନଜୀବନକୁ ତଳିତଳାନ୍ତ କରି ସୁଇସ୍‌ବ୍ୟାଙ୍କ୍‌ରେ ନିଜ ସତାଇଶ ପୁରୁଷ ପାଇଁ ସଂପାଦି ରଖିଛନ୍ତି କଳାଟଙ୍କାର ଗୁପ୍ତ ଆକାଉଂଟ୍ !

କୁଆଡେ ଏତେ କଳାଟଙ୍କା ସୁଇସ୍ ବ୍ୟାଙ୍କ୍‌ରେ ଅଛି ଯେ ସେଠୁ ମାତ୍ର ୨୩ ଲକ୍ଷ କୋଟି ଟଙ୍କା ଆସିପାରିଲେ ଭାରତର ପ୍ରତି ଗାଆଁ ପିଛା ପଡିବ ୪ କୋଟି ଟଙ୍କା ଭାଗ ଏବଂ ଏଇ ଭାଗରେ ଗଢିଉଠିବ ଗରିବର ଗଣତନ୍ତ୍ର ! କି ଧୂଆଁବାଣ ! କେବଳ ମିଛମଣିଷମାନଙ୍କ ମଲାଘୋଡାର ଟାଙ୍କ ମାପିବା ବାଗବାଇଶ ଇଏ ! ଗରିବାର ଗଣତନ୍ତ୍ରକୁ ଧୂର୍ତର ଧନତନ୍ତ୍ର କାହିଁକି ବା ବଂଚାଇରଖିବାର ଆନ୍ତରିକ ଉଦ୍ୟମ ବଜାୟ ରଖିବ ?

'ନେତା' ଶବ୍ଦର ଅର୍ଥ ଆଜି ପ୍ରଦୂଷିତ । ଖଟୁଆ, ମିଛୁଆ, ଲାଂଟୁଆ ଚରିତ୍ରର ନାମାନ୍ତର ପାଲଟିଛି ଏଇ 'ନେତା' ଶବ୍ଦ । ଏକ ନକାରାତ୍ମକ ଦୃଷ୍ଟିଭଂଗୀ ବ୍ୟାପିସାରିଛି ଭାରତୀୟ ରାଜନୀତିର 'ନେତା' ପଦକୁ ନେଇ । ନେତିବାଚକ ନେତୃତ୍ୱ ଓ ନୀତିରହିତ ରାଜନୀତିରେ ଭାରତବର୍ଷ ନୟାନ୍ତ । ପ୍ରଶାସନ ଆଉ ଜନଗଣଙ୍କ ପ୍ରତ୍ୟୟର ପରୀକ୍ଷା ଦେବାକୁ ଯୋଗ୍ୟ ନୁହେଁ । ସ୍ୱାର୍ଥସେବୀ ଶାସନର ସଇତାନୀ ଚକ୍ର ସିଏ । ହାକିମ ଆଗରେ ହାରିଗୁହାରି କରିକରି ହାରିସାରିଚି ହତାଶ - ପୁଲିସ୍ ପାଖରେ ଫେରାଦି ହେଇ ହେଇ ଫେରାର୍ ହେଇଯାଇଚି ଫକିରା । ଗରିବ ଗଢିବ ଗଣତନ୍ତ୍ର - ଯଦି ହଟିପାରିବ ନକଲି ନେତୃତ୍ୱର ଶାସନତନ୍ତ୍ର, ଧୂର୍ତ ଧଳାହାତୀମାନଙ୍କର ଧନତନ୍ତ୍ର, ଅମାନବିକତାରେ ଅଭ୍ୟସ୍ତ ଅବଶ ଅମଲାତନ୍ତ୍ର ! ନହେଲେ ନିସ୍ତାର ନାହିଁ। ନିସ୍ତାର ଦରକାର ଏ ସରକାର ଛତ୍ରଛାୟାଶ୍ରିତ ଅମଲାତାନ୍ତ୍ରିକ ଆଭିମୁଖ୍ୟରୁ । ଅମଲାତନ୍ତ୍ରର ଅଳିଆଗଦାରେ ଆମର ଲକ୍ଷ ଲକ୍ଷ ହେକ୍ଟର ଚାଷଜମିର ଭାଗ୍ୟ ଫିତାବନ୍ଧା ଫାଇଲ୍ ପାଲଟି ସାରିଛି । ପ୍ରଶାସନ କ'ଣ ? କେବଳ ଝଂଟକୁର୍ସିର ଚାରିଖୁରା - ଯେଉଁ ଚାରିଖୁରାରେ ବନ୍ଧା ହୋଇରହିଛି ବଂଧୁକ, ସିଂଦୁକ, ଯୋଜନା, ପରିଚାଳନା । ଜନଗଣଙ୍କ ଜୀବନସଂଗ୍ରାମର ସ୍ୱାଧୀନତା ପାଇଁ ଏ ଚାରୋଟିର ମୁକ୍ତି ଆଗେ ଦରକାର । ଅର୍ଥାତ୍ ବଂଧୁକର ଗୁଳି କୌଣସି ଗରିବ, ଦିନମଜୁରିଆ, ଆଦିବାସୀ କି ଅଧିବାସୀର ଛାତି ଆଡକୁ ଉଦ୍ଦିଷ୍ଟ ନହେଉ - ସିଂଦୁକର ସଂପତି କୌଣସି ଶାସିତ, ଶୋଷିତ, ବଂଚିତ କି ପ୍ରବଂଚିତର ସ୍ୱେଦଶୋଣିତରେ ଉପାର୍ଜିତ ଅର୍ଥଆଡକୁ ତୋଷରପାତୀ ତୀକ୍ଷ୍ଣଦୃଷ୍ଟି ନ ପକାଉ-ଯୋଜନାର ଯନ୍ତ୍ରଶାଳା କୌଣସି ଜାତି ବା ଜନଜାତିର ଉନ୍ନୟନ ନିମନ୍ତେ ଅଭିପ୍ରେତ ଅଟକଳକୁ ଅଟ୍ଟହାସ ନ କରୁ - ଏବଂ ପରିଚାଳନାର ପରୀକ୍ଷାନିରୀକ୍ଷା କୌଣସି ସନ୍ଧି ବା ଅଭିସନ୍ଧିର ଶିକାର ନହେଉ ।ଦୁଃଖର କଥା ଯେ ବର୍ତମାନ ସ୍ୱଚ୍ଛଳ ଶାସନତନ୍ତ୍ରର ଅଚଳ ଅର୍ଥନୀତି ସାରା ଦେଶକୁ ପଙ୍ଗୁତ୍ୱ ଆଡକୁ ମୁହାଁଇ ନେଉଛି । ଆଜିର ଚଂଚକ ରାଜନୀତି ଆଗରେ ଚାଣକ୍ୟ ଅର୍ଥନୀତି ଆଣ୍ଠେଇପଡିଛି ।

ହାୟ !ଅର୍ଥନୀତିଜ୍ଞ ବି କହୁଛନ୍ତି ରାଜନୀତିଆଙ୍କ ବ୍ୟୟବରାଦର ଆୟ-ଆଦାୟ ବାବଦରେ ମୁଣ୍ଡ ନଖେଳାଇବା ପାଇଁ ! ଯା'ଠାରୁ ବଳି ବିଡମ୍ବନା ଆଉ କ'ଣ ଥାଇପାରେ ? ଆଜିର ଭାରତବର୍ଷ ଯେତେବେଳେ ଚଳନ୍ତି ରାଜନୀତିର ଚଳୁକରା ଚରିତ୍ର ଉପରୁ ଆସ୍ଥା ହରାଇବାକୁ ଯାଉଛି, ସେତେବେଳେ ଆମେ ସମସ୍ତେ ଲୋଡୁଚୁ ଅସଲ ଅର୍ଥନୀତିର ହିତୋପଦେଶ । ମାତ୍ର ଆଜି ଅର୍ଥନୀତି ବି ରାଜନୀତିର ରିସ୍ତେଦାର ?ଅର୍ଥନୈତିକ ମାନ୍ଦାବସ୍ଥାର ଆତଙ୍କଜନକ ଆବହାଓ୍ୱାରେ ସାରା ଦୁନିଆକୁ ତ୍ରସ୍ତ କରିରଖିବାକୁ ଚାହୁଁଥିବା ଧୂର୍ତ ଧନତନ୍ତ୍ର ଏବେ ଭାରତବର୍ଷକୁ ନିଜ କଂସେଇଖାନାରେ ପରିଣତ କରି ଧ୍ୱସ୍ତ କରିଦେବ ଉତରପିଢିର ନବଭାରତକୁ। ନବଭାରତର ରାଜନୀତି ଏ ଭବସଂକଟକୁ ସାମ୍ନା କରିବ ନା ନାହିଁ ?ବର୍ତମାନର ଭକ୍ଷକ ରାଜନୀତିର ଭସ୍ମାସୁରମାନଙ୍କ କବଳରୁ ଦେଶ ଓ ଜାତିକୁ ବଂଚାଇବାକୁ ହେଲେ ପ୍ରଥମେ ଦରକାର ରାଜନୀତିରୁ ଦଳମାନଙ୍କୁ ଉଚ୍ଛେଦ କରିବାର ଅଭିଯାନ । ଦଳ ପାଇଁ ନୁହେଁ, ଦେଶ ପାଇଁ ଯେଉଁ ରାଜନୀତି - ତାହା ହିଁ ଆମର ଦାବୀ ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ଉଦଳାର ସର୍ବଶ୍ରେଷ୍ଠ ଦାତା ହୃଦାନନ୍ଦ ପରିଡ଼ାଙ୍କ ସ୍ମୃତିରେ

ରବିକାନ୍ତ ମହାପାତ୍ର



ହୃଦାନନ୍ଦ ପରିଡ଼ାଙ୍କ ଏକାଦଶାହ ଉପଲକ୍ଷେ

କୁହାଯାଏ ଦାନର ମହିମା ଅପାର । ବାସ୍ତବରେ ଦୁନିଆରେ ସମସ୍ତେ ଦାନୀ ହୋଇପାରନ୍ତି ନାହିଁ। ଏମିତି ବି ମଣିଷ ଅଛନ୍ତି ଯେଉଁମାନେ ନିଜ ଦେହର ମଳି ଟିକକ ମଧ୍ୟ ପରକୁ ଦେବାକୁ ପ୍ରସ୍ତୁତ ନଥାନ୍ତି । ଆଉ ଏମିତିବି ମଣିଷ ଅଛନ୍ତି ଯେଉଁମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଧର୍ମ ଭଳି ବହୁ ସାମାଜିକ ଓ ସାମୂହିକ କାର୍ଯ୍ୟରେ ନିଜର ସର୍ବସ୍ୱ ଦାନ କରି ଶେଷରେ ନିସ୍ୱ ହୋଇଯାଆନ୍ତି । ଦାନ ସମ୍ପର୍କରେ ଲେଖିଲାବେଳେ ପୁରାଣ ବର୍ଣ୍ଣିତ ରାଜା ହରିଶ୍ଚନ୍ଦ୍ରଙ୍କ କଥା ମନେପଡ଼େ। ସେ ରାଜର୍ଷି ବିଶ୍ୱାମିତ୍ରଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ନିଜର ସର୍ବସ୍ୱ ଦାନ ପରେ ଏପରିକି ଦାନ ପାଇଁ ନିଜର ପତ୍ନୀ ଶବ୍ୟାଙ୍କୁ ବିକ୍ରୀ କରି ଶେଷରେ ଦାନବୀରର ପରିଚୟ ଦେଇଥିଲେ । ବାସ୍ତବରେ ଦାନୀର ହୃଦୟ ବିଶାଳ ହୋଇଥିବାବେଳେ ଓ ଦାନ ଦେବା ମଣିଷର ଏକ ମାନସିକତା ବା ପ୍ରବୃତ୍ତି ବୋଲି କୁହାଯାଇପାରେ । କୌଣସି ବ୍ୟକ୍ତି କୋଟି କୋଟି ଟଙ୍କାର ମାଲିକ ହୋଇ ଦାନ ଦେବାର ମାନସିକତା ଯଦି ତାଙ୍କ ପାଖରେ ନଥାଏ ତେବେ ସେ କେବେ ହେଲେ ଦାତାର ଆଖ୍ୟା ପାଇ ପାରିବେ ନାହିଁ, ଆଉ ଜୀବନ ବ୍ୟାପି ଏପରିକି ଜୀବନ ପରେ ମଧ୍ୟ କୃପଣ ବୋଲି ନିନ୍ଦିତ ହେଉଥିବେ । ଆଉ ଯେଉଁମାନେ ବିଶାଳ ହୃଦୟର ପରିଚୟ ଦେଇ ସାମୂହିକ ଓ ସାମାଜିକ କାର୍ଯ୍ୟପାଇଁ ନିଜର ବ୍ୟକ୍ତିଗତ ସମ୍ପତ୍ତିକୁ ଅକାତରେ ଦାନ ଦେଇଥାନ୍ତି ସେମାନେ ତ ମରିବି ଅମର ହୋଇ ରହିଯାଆନ୍ତି, ଠିକ୍ ଆମେରିକାର ଧନ କୁବେର ବିଲ୍ ଗେଟସ୍‌ଙ୍କ ଭଳି। ଯେଉ

ବିବିଧ ବିଶ୍ୱ
ଦେଶ ବିଦେଶର ଜଣାଅଜଣା
ଧ୍ୱନି ପ୍ରତିଧ୍ୱନି
୫ ♣ ବାଲେଶ୍ୱର ♣ ଶନିବାର, ଜାନୁଆରୀ ୨, ୨୦୨୧

ସତ,ଅସତ ଓ ସତକର୍ମ

ଡକ୍ଟର ଶ୍ରୀହରି ପଣ୍ଡା
ଗୌଡ଼ଗାଁ,କପ୍ତିପଦା,ମୟୂରଭଂଜ
ମୋ.୯୮୫୩୯୪୮୪୫୮

ପିଲାଦିନରୁ ପିତା-ମାତା, ଶିକ୍ଷକ-ଶିକ୍ଷୟତ୍ରୀ ଜ୍ଞାନ ଦେଇ ଆସୁଛନ୍ତି ମିଥ୍ୟାକୁ ପାପ ବୋଲି ଜାଣି କହିବ ସଦା ସତ୍ୟବାଣୀ । ପିଲାଟି ଦେହରେ ଜ୍ଞାନ ହେବା ବା କଥା କହିବା ଶିଖିବା ପାଖରୁ ତାକୁ ସତ୍ୟ-ଧର୍ମରେ ଚାଲିବାକୁ ଉତ୍ସାହିତ କରାଯାଉଛି । ହେଲେ ଏହି ସତ୍ୟ କ'ଣ ? ତାହା କିପରି ଜଣା ପଡିବ ? ଏହାର ଉତ୍ତର ହୋଇପାରେ- ସତ୍ୟ ବହୁତ ସରଳ, ସୁନ୍ଦର ଓ ପ୍ରତ୍ୟକ୍ଷ କିମ୍ୱା ଯାହା ଦ୍ୱାରା ଅସତ୍ୟର ଜ୍ଞାନ ହେଉଛି ତାହା ସତ୍ୟ । ଅସତ୍ୟ ଦ୍ୱାରା ଅସତ୍ୟର ଜ୍ଞାନ ହୁଏ ନାହିଁ । ସତ୍ୟ ବିନା ଅସତ୍ୟ ପ୍ରତୀତ ହୁଏ ନାହିଁ । ଯେତେବେଳେ ବ୍ୟକ୍ତି ସତ୍ୟରେ ସ୍ଥିତ ହୁଅନ୍ତି ସେତେବେଳେ ହିଁ ଅସତ୍ୟ ଅସତ୍ୟ ରୂପେ ଦେଖାଯାଏ । ଅସତ୍ୟ ଯାହା ଦ୍ୱାରା ବୋଧ ହୁଏ ତାହା ସତ୍ୟ । ଶୁଣିବା, ପଢିବା, ବିଚାର କରିବା ଦ୍ୱାରା ବ୍ୟକ୍ତିର ଯେଉଁ ଜ୍ଞାନ ହୁଏ, ସେହି ଜ୍ଞାନ ଯାହା ଦ୍ୱାରା ହୁଏ ତାହା ହିଁ ସତ୍ୟ । ତାହା ହିଁ ସବୁରି ପ୍ରକାଶକ ଓ ଆଧାର । ସେ ହେଉଛି ଜ୍ଞାନ ସ୍ୱରୂପ, ଚେତନ ସ୍ୱରୂପ ଓ ଆନନ୍ଦ ସ୍ୱରୂପ । ଦର୍ପଣରେ ମୁହଁ ଦେଖାଯିବାପରି ଏ ସଂସାର ଦେଖାଯାଏ । ଗୀତାରେ ଭଗବାନ କହିଛନ୍ତି,"ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ" ଅର୍ଥାତ୍ ଅସତ୍ ବସ୍ତୁର ଅସ୍ତିତ୍ୱ ନାହିଁ ଏବଂ ସତ୍ ବସ୍ତୁର ଅଭାବ ନାହିଁ । ଅସତଃ ପଦ ଏଠାରେ ପରିବର୍ତ୍ତନଶୀଳ ଶରୀର, ଇନ୍ଦ୍ରିୟ ଏବଂ ଇନ୍ଦ୍ରିୟମାନଙ୍କ ବିଷୟମାନଙ୍କ ସମେତ ସମସ୍ତ ଜଡବର୍ଗର ବାଚକ । ତାହାର ଅସ୍ତିତ୍ୱ ନାହିଁ କହି ଭଗବାନ ବୁଝାଇଦେଇଛନ୍ତି,ତାହା ଯେଉଁ କାଳରେ ପ୍ରତୀତ ହୋଇଥାଏ, ତା'ପୂର୍ବରୁ ନଥିଲା କି ପରେ ରହିବ ନାହିଁ ଏବଂ ଯେଉଁ ସମୟରେ ପ୍ରତୀତ ହେଉଥାଏ ସେହି ସମୟରେ ମଧ୍ୟ ବାସ୍ତବରେ ନ ଥାଏ ।

ଅସତ୍ ବୋଲି ଯେଉଁ ଶବ୍ଦଟି ତାର ଅର୍ଥ କଲେ ଏହା ହୋଇପାରେ ଯେ ଯାହା ବିନା ଶ୍ରଦ୍ଧାରେ କରାଯାଏ । ବିନା ଶ୍ରଦ୍ଧାରେ କରାଯାଉଥିବା ହୋମ, ଦିଆଯାଉଥିବା ଦାନ ଏବଂ କରାଯାଉଥିବା ତପ ତଥା ଅନ୍ୟାନ ଶୁଭକର୍ମକୁ ଅସତ୍ ବୋଲି କୁହାଯାଏ; ତେଣୁ ତାହା ଇହଲୋକରେ ଲାଭଦାୟକ ନୁହେଁ, କି ମରିବା ପରେ ମଧ୍ୟ ଲାଭଦାୟକ ନୁହେଁ । କହିବାର ଉଦ୍ଦେଶ୍ୟ ଏହାଯେ ଶୁଭ କର୍ମମାନ ଶ୍ରଦ୍ଧା ପୂର୍ବକ କରାଗଲେ ହିଁ ତାହା ଫଳପ୍ରଦ ହୋଇଥାଏ । ବିନା-ଶ୍ରଦ୍ଧାରେ କରାଯାଉଥିବା ସମସ୍ତ କର୍ମ ବ୍ୟର୍ଥ । ଏଣୁ ଶ୍ରଦ୍ଧା ପୂର୍ବକ ନିଷିଦ୍ଧ କର୍ମ ପରିତ୍ୟାଗ କରି ଶୁଦ୍ଧକର୍ମ କରିବା କର୍ତ୍ତବ୍ୟ । ନିଷିଦ୍ଧ କର୍ମ କରିବାରେ ଶ୍ରଦ୍ଧା ଓ ଅଶ୍ରଦ୍ଧାର ମହତ୍ୱ ରଖେ ନାହିଁ । କାରଣ ନିଷିଦ୍ଧ କର୍ମ କୌଣସି ସମୟରେ ମଧ୍ୟ ଫଳ ଦେଇ ନଥାଏ । ଯେଉଁମାନଙ୍କର ଶାସ୍ତ୍ର, ମହାପୁରୁଷ ଏବଂ ଈଶ୍ୱରଙ୍କ ଠାରେ ପୂର୍ଣ୍ଣ ଶ୍ରଦ୍ଧା ନଥାଏ ତଥା ପାପ କର୍ମର ଫଳ ଯେ ଭୋଗ କରିବାକୁ ପଡ଼ିବ, ସେଥିରେ ବି ବିଶ୍ୱାସ ନ ଥାଏ; ତଥାପି ସେମାନଙ୍କୁ ତାହାର ଦୁଃଖରୂପୀ ଫଳ ଅବଶ୍ୟ ଭୋଗ କରିବାକୁ ପଡ଼େ । ଅସତ୍ ଶବ୍ଦର ଅର୍ଥ ପରି ସତ୍‌କର୍ମ କଣ ବୋଲି ପ୍ରଶ୍ନର ଉତ୍ତର ଏହା ହୋଇପାରେ ଯେ, ତପ, ଯଜ୍ଞ ଏବଂ ଦାନରେ ଯେଉଁ ସ୍ଥିତି ଥାଏ, ତାହାକୁ ସତ୍ ବୋଲି କୁହାଯାଏ ଏବଂ ପରମାତ୍ମାଙ୍କ ପାଇଁ କରାଯାଉଥିବା କର୍ମକୁ ନିଶ୍ଚିତ ସତ୍ ବୋଲି କୁହାଯାଏ । ସାତ୍ତ୍ୱିକ ଯଜ୍ଞ, ଦାନ ଓ ତପ ନିମନ୍ତେ ଶ୍ରଦ୍ଧା ଏବଂ ପ୍ରେମ ପୂର୍ବକ ଆସ୍ତିକ ବୁଦ୍ଧି ରଖାଯାଇଥାଏ, ଯାହାକୁ ନିଷ୍ଠା ମଧ୍ୟ କୁହାଯାଏ; ଯାହା ଭଗବାନଙ୍କ ପ୍ରାପ୍ତିର ମାର୍ଗ ଦେଖାଇଥାଏ, ତାହାକୁ ସତ୍ କହନ୍ତି । କେବଳ ଭଗବାନଙ୍କ ଆଜ୍ଞାନୁସାରେ ତାହାଙ୍କ ପାଇଁ ଯାହା କିଛି କର୍ମ କରାଯାଏ, ଯେଉଁଥିରେ କର୍ତ୍ତାର ତିଳେ ମାତ୍ର ସ୍ୱାର୍ଥ ନ ଥାଏ, ଯାହା କର୍ତ୍ତାର ଅନ୍ତଃକରଣକୁ ଶୁଦ୍ଧ କରିଦେଇ ତାକୁ ପରମେଶ୍ୱରଙ୍କ ପ୍ରାପ୍ତି କରାଇଦିଏ; ତାହାକୁ ସତ୍ କହନ୍ତି । ଯେଉଁ ସବୁ ଶାସ୍ତ୍ର ବିହିତ କରଣୀୟ ଶୁଭକର୍ମ ରହିଛି, ତାହା ଶ୍ରେଷ୍ଠକର୍ମ । ଏହି ସବୁକର୍ମକୁ ନିଷ୍କାମ ଭାବରେ କରାଗଲେ ତାହା ପରମାତ୍ମାପ୍ରାପ୍ତିର ହେତୁ ହୋଇଯାଏ । ତେଣୁ ସେଥିରେ ପରମାତ୍ମାଙ୍କ ସତ୍‌ନାମ ପ୍ରୟୋଗ କରାଯାଏ, ଅର୍ଥାତ୍ ତାହାକୁ ସତ୍‌କର୍ମ କୁହାଯାଏ ।

ଚୁଟିର ମଜବୁତ୍ ପାଇଁ ଘରେ ବନାନ୍ତୁ ହେୟାର ଅଏଲ

ବଜାରରେ ଭିନ୍ନ ଭିନ୍ନ ପ୍ରକାରର ହେୟାର ଅଏଲ ଉପଲବ୍ଧ । ଅନେକ ସମୟରେ ଭଲ ଅଏଲ ଚୟନ ପାଇଁ ଅସୁବିଧା ସୃଷ୍ଟି ହୋଇଥାଏ । ବିଭିନ୍ନ କମ୍ପାନୀମାନେ ଭିନ୍ନଭିନ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଜ ବ୍ରାଣ୍ଡର ପ୍ରଚାର କରିଥାନ୍ତି । ଆଉ ଏହି ବିଜ୍ଞାପନରେ ଭାସିଯାଇ ଚୁଟିରେ ଭିନ୍ନ ଭିନ୍ନ ଅଏଲ ଉପଯୋଗ ଚୁଟିକୁ କ୍ଷତି କରିଥାଏ । ତେଣୁ ଭଲ ବିକଳ୍ପ ହେଉଛି ଆପଣ ନିଜେ ନିଜ ପାଇଁ ହେୟାର ଅଏଲ ପ୍ରସ୍ତୁତ କରିବା ।

ଅଳାଁ ତେଲ : ମେଥିରେ ଥିବା ଲିସିଥିନ୍ ପ୍ରୋଟିନ୍ ଚୁଟିକୁ ଲମ୍ବା, ମଜବୁତ୍, ମୁଲାୟମ ଏବଂ ଚମକଦାର କରିଥାଏ । ମେଥି ତେଲ ଦ୍ୱାରା ରୂପି ସମସ୍ୟା ଦୂର ହୋଇଥାଏ । ଘରେ ଗୁଣ୍ଡ ମେଥିକୁ ନଡ଼ିଆ ତେଲରେ ମିଶାଇ ଗରମ କରନ୍ତୁ । ଭଲ ଭାବେ ଗରମ ହୋଇଗଲା ପରେ ଏହାକୁ ଛାଣି ଥଣ୍ଡା କରନ୍ତୁ । ଏହି ତେଲକୁ ଚୁଟି ମୂଳରେ ଲଗାଇ ହାଲକା ମସାଜ କରନ୍ତୁ ।

ନଡ଼ିଆ-ଲେମ୍ବୁ ତେଲ : ରୂପି ପାଇଁ ଯଦି ଆପଣ ଚିନ୍ତିତ ତେବେ ନଡ଼ିଆ ଓ ଲେମ୍ବୁ ତେଲ ଏଥିପାଇଁ ବେଶ୍ ଉପକାରୀ । ଲେମ୍ବୁ ରୂପି ଦୂର କରେ ଏବଂ ନଡ଼ିଆ ତେଲ ଚୁଟିକୁ ପୋଷଣ ଦିଏ । ନଡ଼ିଆ ତେଲରେ କିଛି ବୁନ୍ଦା ଲେମ୍ବୁ ରସ ମିଶାଇ ତାକୁ ଗରମ କରନ୍ତୁ । ଏହା ଫୁଟିଗଲା ପରେ ତାକୁ କଡ଼େଇରେ କାଢ଼ି ନିଅନ୍ତୁ । ସପ୍ତାହରେ ୩/୪ ଥର ଏହାକୁ ଚୁଟିର ମୂଳରେ ଲଗାନ୍ତୁ । ଦେଖିବେ ନିଶ୍ଚିତ ଫାଇଦା ମିଳିବ ।

ଲାଇଫ୍ ଷ୍ଟାଇଲକୁ ପ୍ରଭାବିତ କରୁଛି ମୋବାଇଲ-ଇଣ୍ଟରନେଟ୍



ମୋବାଇଲ, ଅନଲାଇନ୍ ଗେମ୍ସ ଏବଂ ଇଣ୍ଟରନେଟର ଅତ୍ୟଧିକ ବ୍ୟବହାର ଲୋକଙ୍କୁ ମାନସିକ ରୋଗୀ ବନାଉଛି । ବିଶେଷକରି ଏହାର କବଜାରେ ପଡୁଛନ୍ତି ଯୁବଗୋଷ୍ଠୀ । ନିୟମିତ ଏହାର ବ୍ୟବହାର ପାଠ ପଢ଼ା ଉପରେ ପଡୁଥିଲାବେଳେ ଭାଇଚାରାର ସମ୍ପର୍କ ମଧ୍ୟ ପ୍ରଭାବିତ ହେଉଛି ।

ଦୈନିକ ୧୦ରୁ ୧୨ ଘଂଟା ମୋବାଇଲର ବ୍ୟବହାର କରୁଥିବା ବ୍ୟକ୍ତି ବିଶେଷକରି ଯୁବକ, ଯୁବତୀଙ୍କ କ୍ଷେତ୍ରରେ ସାମାଜିକ ଜୀବନ, ପାଠପଢ଼ା ପ୍ରଭାବିତ ହେଉଛି । ସ୍ଥିତି ଗମ୍ଭୀର ହେବା ପରେ ସେମାନେ ନିଜକୁ ଏକୁଟିଆ ରଖିବାକୁ ପସନ୍ଦ କରୁଛନ୍ତି । ନିୟମିତ ମୋବାଇଲ ସ୍କ୍ରିନ୍ ଦେଖିବା ଦ୍ୱାରା ମୁଣ୍ଡ ଏବଂ ବେକ ବିନ୍ଧା ସହ ଆଖି ଉପରେ ପ୍ରଭାବ ପକାଇଥାଏ ।

ବାରମ୍ବାର ଫୋନ୍ ଚେକ୍ କରିବା, ଅଧରାତିରେ ଉଠି ମେସେଜ ଦେଖିବା, ମୋବାଇଲ ଅନ୍‌ଲାଇନ୍ ଗେମ ଖେଳିବା ଦ୍ୱାରା ଶରୀର ଉପରେ ବଡ଼ ପ୍ରଭାବ ପଡ଼ିଥାଏ । ଅନ୍ୟମାନଙ୍କଠାରୁ ଦୂରରେ ରହିବା, କଥାବାର୍ତ୍ତା କମ୍ କରିବା, ମନ ସବୁବେଳେ ବ୍ୟତିବ୍ୟସ୍ତ ରହିବା ଆଦି ଲକ୍ଷଣ ଏହି କାରଣରୁ ବୃଦ୍ଧି ପାଇଥାଏ । ଅନେକ ସମୟରେ ଏହାଦ୍ୱାରା ମଣିଷ ମାନସିକ ଅବସାଦକୁ ଚାଲିଯାଇଥାଏ । ଏହିଭଳି ରୋଗର ବଡ଼ ଚିକିତ୍ସା ହେଉଛି ନିଜ ଉପରେ ନିୟନ୍ତ୍ରଣ ରଖିବା । ରୋଗୀଙ୍କୁ କାଉନସିଲିଂ କରିବା ଜରୁରୀ । ବେଳେବେଳେ ମାନସିକ ଅବସାଦ ଏତେ ମାତ୍ରାରେ ବଢ଼ିଯାଇଥାଏ ଯେ, ଡାକ୍ତରଖାନାରେ ଭର୍ତ୍ତି କରବାକୁ ପଡ଼ିଥାଏ । ତେଣୁ ପରିବାର ଦାୟିତ୍ୱ ହେଉଛି ପିଲାମାନେ ଏହି ଧାରାରେ ଯିବାର ଦେଖିଲେ ତାଙ୍କୁ ଏଥିରୁ ବାରଣ କରିବା । ମା'ମାନଙ୍କର ଏହି କ୍ଷେତ୍ରରେ ବଡ଼ ଦାୟିତ୍ୱ ରହିଛି ।

ବିଜୟସାର ଜଡ଼ିବୁଟି



ବିଜୟସାର ଜଡ଼ିବୁଟିର ଅନେକ ଔଷଧୀୟ ତତ୍ତ୍ୱ ରହିଛି ଯାହା ଲିଭରର ବେମାରୀକୁ ଦୂର କରିବାରେ ସାହାଯ୍ୟ କରେ । ଏହା ସ୍କିନ୍ ପାଇଁ ମଧ୍ୟ ଲାଭଦାୟକ । ଖାଦ୍ୟପେୟରେ ଅନିୟମିତତା ଯୋଗୁଁ ଲୋକଙ୍କର କେଶ ଝଡ଼ିବା, ଧଳା ହେବା ଓ ଶରୀରରେ ରକ୍ତର ପରିମାଣ କମ ହେବା ଆଦି ସମସ୍ୟାସବୁକୁ ସାମ୍ନା କରିବାକୁ ପଡ଼େ । ଯଦି ଆପରଙ୍କର ଏପରି ସମସ୍ୟା ରହିଛି ତେବେ ଆପରଙ୍କ ପାଇଁ ବିଜୟସାର ନାମକ ଜଡ଼ିବୁଟି ବହୁତ ଉପକାର ଦେଇ ପାରିବ । ଏଥିରେ ଅନେକ ଔଷଧୀୟ ଗୁଣ ରହିଛି ଯାହା ଡାଇବେଟିସ୍, ଲିଭର ଜନିତ ସମସ୍ୟା ଆଦିକୁ ଦୂର କରେ । ବିଜୟସାରରେ ଆଣ୍ଟି ହାଇପରଲିଗୋଡ଼ିକ୍ ର ବନ୍ଧନକାରୀ ଗୁଣ ରହିଛି, ଯାହା ଆମକୁ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ । ଏଥିରେ ଆଇରନ ପ୍ରଚୁର ପରିମାଣରେ ରହିଛି । ସେଥିପାଇଁ ଏହାର ସେବନରେ ରକ୍ତରେ ହିମୋଗ୍ଲୋବିନର ମାତ୍ରା ବଢ଼ିଯାଏ । ଯେଉଁମାନଙ୍କ କେଶ ଅଧିକ ଝଡୁଛି ବା ଧଳା ହୋଇଯାଉଛି ସେମାନଙ୍କୁ ବିଜୟସାର ଗଛର ଛାଲିକୁ ଅଁଳାର ପାଉଡର ସହିତ ବାଟି କେଶରେ ଲଗାଇବା ଉଚିତ । ଏଥିରେ କେଶ ଝଡ଼ିବା କମ ହୁଏ ।

ବିଜୟସାରର ପତ୍ରର ରସକୁ ଦୁଇ ଚାମଚ ପ୍ରତିଦିନ ପିଇଲେ ଲିଭରର ସମସ୍ୟା ଦୂର ହୁଏ । କୃମି ହୋଇଥିଲେ ବିଜୟସାରର ପତ୍ରକୁ ଚୂର୍ଣ୍ଣ କରି ଗରମ ପାଣି ସହିତ ପିଇଲେ ଲାଭ ହୋଇଥାଏ ।

ଫୁଡ୍ ନିଓଫୋବିୟା

ନୂତନ ବ୍ୟଞ୍ଜନ ସମ୍ବନ୍ଧିତ ଡର (ଫୁଡ୍ ନିଓଫୋବିୟା) କୌଣସି ବ୍ୟକ୍ତିର ଖାଦ୍ୟ ପୋଷଣର ଗୁଣ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ । ଏହା ହୃଦୟରୋଗ ଏବଂ ମଧୁମେହ ଟାଇଟ୍ -୨ ଜୀବନଶୈଳୀ ସହିତ ଯୋଡ଼ି ହୋଇଥିବ । ରୋଗ ମଧ୍ୟ ଉତ୍ପନ୍ନ କରେ । ଫୁଡ୍ ନିଓଫୋବିୟା ଖାଦ୍ୟ ସମ୍ବନ୍ଧୀୟ ଏପରି ଏକ ବିକାର ଯାହା ବ୍ୟକ୍ତିର ନୂତନ ପ୍ରକାରର ଖାଦ୍ୟକୁ ଖାଇବା ବା ଚାଖିବା ପାଇଁ ଆଗ୍ରହକୁ ଶେଷ କରିଦିଏ । ଫିନ୍‌ଲ୍ୟାଣ୍ଡ ସ୍ଥିତ ହେଲସିଂକି ବିଶ୍ୱ ବିଦ୍ୟାଳୟ ଓ ଏଷ୍ଟୋନିଆ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନ କର୍ତ୍ତାଙ୍କ ଅନୁସାରେ ଆହାର ଗୁଣବତ୍ତା, ଜୀବନଶୈଳୀ ସମ୍ବନ୍ଧିତ ରୋଗ ଓ ଆଶଙ୍କା ଉପରେ ଖାଦ୍ୟପେୟ, ସମ୍ବନ୍ଧୀୟ ବ୍ୟବହାରର ସ୍ୱତନ୍ତ୍ର ପ୍ରଭାବର ଅଧ୍ୟୟନ କରାଯାଇଥିଲା ।

ସୁସ୍ଥ ତଥା ଉତ୍ତମ ତ୍ୱଚା ନିମନ୍ତେ

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯେ ନିୟମିତ ଭାବେ ତ୍ୱଚାକୁ କ୍ଲିନଜରରେ ପୋଛନ୍ତୁ । ଘରୋଇ ଭାବେ ମଧ୍ୟ ଏହାର ଉପଚାର କରିହେବ । ଯେପରି କଞ୍ଚା ଖିର ଓ ଦହି ସହାୟତାରେ ମଧ୍ୟ ତ୍ୱଚାକୁ ପରିଷ୍କାର କରିହେବ ।

♦ ତ୍ୱଚାରେ ସକାଳ କିମ୍ୱା ସନ୍ଧ୍ୟାରେ ଏକ ପ୍ୟାକ୍ ଲଗାଇବା ଉପକାରୀ । ପ୍ୟାକରେ ଅଲିଭ ତେଲ ନଚେତ ମହୁ ଅଳ୍ପ ପରିମାଣର ଉପଯୋଗ କରନ୍ତୁ । ଏହା ତ୍ୱଚାକୁ କୋମଳ କରିଥାଏ ।

♦ ଏସବୁ ବାଦ ଆବଶ୍ୟକ ପରିମାଣରେ ପାଣି ପିଇବା ତ୍ୱଚା ପାଇଁ ଏକ ଉତ୍ତମ ଖୋରାକ । ସପ୍ତାହକୁ ୩-୪ ଥର ଅନ୍ତତଃ ପଇଡ଼ ପାଣି ପିଇବାର ଅଭ୍ୟାସ କରନ୍ତୁ ।

ଜନ୍ମର ୩ ମାସ ପରେ ଚାପର ଶିକାର ହୋଇଥାନ୍ତି ଶିଶୁ: ସର୍ଭେ

ୟୁନିଭରସିଟ୍ ଅଫ୍ ଏକ୍ସରନାଲ ମେଡିକାଲ ସ୍କୁଲ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଯଦି ସ୍କୁଲରେ ଆପଣଙ୍କ ପିଲାର ଉପସ୍ଥିତି ଓ ଦକ୍ଷତା କମ୍ ରହୁଛି ତେବେ ଏହାର କାରଣ ମାନସିକ ଚାପ ହୋଇପାରେ । ଏହି ସର୍ବେକ୍ଷଣର ମୁଖ୍ୟ ଗବେଷକ କେଟି ଫିନିଂଙ୍କ ଅନୁସାରେ ଚିନ୍ତାର ବିଷୟ ଏହା ଯେ, ଶିଶୁ ଜନ୍ମ ହେବାର ୩ ମାସ ପରେ ବିଭିନ୍ନ କାରଣରୁ ଚାପକୁ ଆସିଯାଇଛନ୍ତି । ଏହି ଚାପ, ମାନସିକ ଅବସାଦ ଆଗକୁ ସେମାନଙ୍କର ପାଠ ପଢ଼ା ସହ ସାମାଜିକ ଜୀବନ ଏବଂ ଆର୍ଥିକ ସ୍ଥିତିକୁ ମଧ୍ୟ ପ୍ରଭାବିତ କରିଥାଏ । ଯଦି ପ୍ରାରମ୍ଭିକ ଅବସ୍ଥାରେ ଅଭିଭାବକ ଏହି ସମସ୍ୟାକୁ ହୃଦବୋଧ କରି ସମାଧାନର ବାଟ ଖୋଜି କାଢ଼ିବାରେ ସଫଳ ହୁଅନ୍ତି ତେବେ ଶିଶୁର ଭବିଷ୍ୟତ ଉଜ୍ଜଳ ହେବ । ଶିଶୁଟିଏ ଯେତେବେଳେ କୌଣସି କାରଣରୁ କାନ୍ଦେ କିମ୍ୱା ଖେଳଣା ଫିଙ୍ଗେ ସେତେବେଳେ ଏହାର କାରଣ ଟେନସନ୍ ହୋଇପାରିଥାଏ ।

୨ ବର୍ଷର ଶିଶୁଙ୍କ ମାନସିକ ଚାପ ଏହି କାରଣରୁ ହୋଇଥାଇପାରେ ଯେ ସେମାନେ ଅନୁଭବ କରନ୍ତି ମା'ଙ୍କ ଠାରୁ ଦୂରେଇ ଯାଉଛନ୍ତି । ଶିଶୁ ବିଶେଷଜ୍ଞଙ୍କ କହିବା ଅନୁସାରେ ଛୋଟପିଲା ପାଇଁ ସବୁଠୁ ସୁରକ୍ଷିତ ସ୍ଥାନ ହେଉଛି ମା'ର କୋଳ । ଏପରି ପରିସ୍ଥିତିରେ ଯେତେବେଳେ ମା'ମାନେ ପିଲାଙ୍କୁ ଅଲଗା ଖଟରେ ଶୁଆଇଥାନ୍ତି ସେତେବେଳେ ସେମାନେ ଚାପଗ୍ରସ୍ତ/ ଚିନ୍ତାରେ କାନ୍ଦିବା ଆରମ୍ଭ କରନ୍ତି । ଏହାର ସାଇଡ୍ ଇଫେକ୍ଟ ମଧ୍ୟ ବେଶ ଭୟଙ୍କର । ଏହାଦ୍ୱାରା ମୁଣ୍ଡବିନ୍ଧାଠାରୁ ଆରମ୍ଭ କରି ପେଟ ଓ କାନଯନ୍ତ୍ରଣା ସୃଷ୍ଟି ହୋଇଥାଏ । ଅନେକ ଥର ପିଲା ଅଧା ନିଦରୁ ଉଠିଥାଏ । ୪ରୁ ୫ ପିଲାମାନେ ମଧ୍ୟ ଅନେକ ଥର ନିଜେ ନିଜର ବିଷୟକୁ ଠିକରେ ବୁଝିପାରିନଥାନ୍ତି । ସେମାନଙ୍କ ମୁଣ୍ଡ ଭିତରେ ଯେଉଁ ବିଷୟ ଖେଳୁଥାଏ ତାକୁ ହିଁ ସେମାନେ ଗୁରୁତ୍ୱ ଦିଅନ୍ତି । ଏପରି ପରିସ୍ଥିତିରେ ସେମାନେ ଚାପଗ୍ରସ୍ତ ହୋଇଥାନ୍ତି । ସେହିପରି ଜିଦ୍, କିଛି ପାଇବାରେ ଆଗ୍ରହ ପିଲାଙ୍କ ଭିତରେ ଚାପ ସୃଷ୍ଟି କରିଥାଏ ।

ସ୍କୁଲରେ ପାଠ ପଢ଼ିବା ସମୟରେ ପିଲାମାନେ ମଧ୍ୟ ଚାପର ଶିକାର ହୋଇଥାନ୍ତି । ସ୍କୁଲ ଯିବା, ଶିକ୍ଷକଙ୍କୁ ଭୟ, ଭଲ ମାର୍କ ଆଦି ପିଲାଙ୍କ ଭିତରେ ଏକପ୍ରକାର ଚାପ ଓ ମାନସିକ ଭୟ ସୃଷ୍ଟି କରିଥାଏ । ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ଆପଣ ପିଲାଙ୍କ ଭିତରେ ଅନମନସ୍କ ଭାବ ଦେଖୁଛନ୍ତି, ସେମାନେ ଭିନ୍ନ ଚିନ୍ତାରେ ରହୁଛନ୍ତି ତେବେ ତୁରନ୍ତ ସେମାନଙ୍କୁ କିଛି ରୁଚିକର, ଆଗ୍ରହ ଜନିତ କାର୍ଯ୍ୟକ୍ରମରେ ଭାବ ନେବାକୁ ପ୍ରୋତ୍ସାହିତ କରିବା ଦରକାର । ସ୍କୁଲରେ ଶିକ୍ଷକମାନଙ୍କ ସହ ପିଲାର ସ୍ଥିତିକୁ ନେଇ ବିଚାର ବିମର୍ଶ କରିବା ମଧ୍ୟ ଆବଶ୍ୟକ । ଏପରି ସ୍ଥିତିରେ ପିଲାଙ୍କୁ ସବୁବେଳେ ସଠିକ୍ ବିଷୟ ନେଇ ଉତ୍ସାହିତ କରିବା ନିହାତି ଜରୁରୀ । ପିଲାଙ୍କୁ ନିୟମିତ ବ୍ୟାୟାମ କରିବା ପାଁଇ ପ୍ରୋତ୍ସାହିତ କରିବା ଦରକାର । ଏହାଦ୍ୱାରା ସେମାନେ ଚାପରୁ ମୁକ୍ତ ହୋଇପାରିଥାନ୍ତି । ବ୍ୟାୟମ ଦ୍ୱାରା ଶାରିରୀକ ଓ ମାନସିକ ବିକାଶ ମଧ୍ୟ ହୋଇଥାଏ । ପିଲାଙ୍କୁ ଉତ୍ସାହୀ ରଖିବାରେ ଏହା ସହଯୋଗ କରିଥାଏ । ପିଲାଟି ବେଳୁ ଏଭଳି ଉଦ୍ୟମ ପିଲାକୁ ଆଗାମୀ ଦିନରେ ନିଶ୍ଚିତ ସଫଳତା ଆଣିଦେବ । ସବୁଠୁ ବଡ଼ କଥା ହେଉଛି ଅଭିଭାବକମାନେ ଅଧିକରୁ ଅଧିକ ସମୟ ପିଲାକୁ ଦେବା । ପିଲାସହ ବନ୍ଧୁତା ସୃଷ୍ଟି କରିବା ଦରକାର । କୌଣସି ବିଫଳତା ନେଇ ତାକୁ ତାଗିଦ କରିବା ଅପେକ୍ଷା କିଭଳି ଏପରି ପରିସ୍ଥିତିରୁ ପିଲା ମୁକୁଳିବ ସେଥିପାଇଁ ଦୃଷ୍ଟି ଦେବା ଆବଶ୍ୟକ ।

ଚାପ ମସ୍ତିଷ୍କର ବୃଦ୍ଧି ହ୍ରାସକାରୀ



ଶୈଶବରେ ମସ୍ତିଷ୍କର ଦ୍ରୁତ ବିକାଶ ଘଟିଥାଏ । ଏହି ସମୟରେ ପିଲାଙ୍କୁ ଘରେ କିମ୍ୱା ବିଦ୍ୟାଳୟରେ ଗାଳି ଦେଲେ, ସେମାନଙ୍କ ଉପରେ ଅତ୍ୟଧିକ ବିରକ୍ତ ହେଲେ, ଶାରୀରିକ ଦଣ୍ଡ ଦେଲେ ସମାନଙ୍କ ମସ୍ତିଷ୍କ ଉପରେ ନାନା ନକରାତ୍ମକ ପ୍ରଭାବ ପଡ଼ିପାରେ । ଜର୍ନାଲ ଅଫ୍ ବାୟୋଲୋଜିକାଲ୍ ସାଇକିଆଟ୍ରିରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଆମ ମସ୍ତିଷ୍କ ଅନ୍ତର୍ଗତ ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଶୈଶବରେ ଭାବନା ଓ ସ୍ମୃତି ଶକ୍ତି ପ୍ରଖର କରାଇବାରେ ସହାୟକ ହୁଅନ୍ତି । ବୟସ ବଢ଼ିବା ସହ ଉପଯୁକ୍ତ ପରିବେଶ ଓ ଯତ୍ନ ମାଧ୍ୟମରେ ଏ ଦୁଇଟିର ବିକାଶ ଘଟେ । ପିଲାଙ୍କ ଉପରେ ଚାପ ପଡ଼ିଲେ, ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଠିକ୍ ଭାବେ ବିକଶିତ ହୋଇପାରନ୍ତି ନାହିଁ । ଦାରିଦ୍ର୍ୟ ଓ ଅବହେଳା ଯୋଗୁଁ ମଧ୍ୟ ପିଲାମାନେ ମନସ୍ତାପରେ ରହନ୍ତି । ପରିଣାମସ୍ୱରୂପ ଆମିଗ୍‌ଡାଲା ଓ ହିପୋକାମ୍ପସ୍‌ର ବିକାଶରେ ବାଧା ସୃଷ୍ଟି ହୁଏ । ତେଣୁ, ପିଲାଙ୍କୁ ଚାପମୁକ୍ତ ରଖାଯିବା ଉଚିତ ।

ଗୋଠରୁ ଅଲଗା ହୋଇଥିବା ହାତୀ ଛୁଆକୁ କପିଳାସ ଜଙ୍ଗଲକୁ ପଠାଗଲା

ଗଞ୍ଜାମ,୧।୧ (ନି.ପ୍ର): ଗୋଠରୁ ଅଲଗା ହୋଇ ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର ହୋଇ ଟାମଣା ବିଟ୍ ହାଉସ୍ ରେ ଚିକିତ୍ସାଧିନ ଥିବା ତିନି ମାସର ହାତୀ ଛୁଆକୁ ଆଜି ଏଠାରୁ ଢେଙ୍କାନାଳ ସ୍ଥିତ କପିଳାସ ଜଙ୍ଗଲକୁ ନେବାର ବ୍ୟବସ୍ଥା କରାଯାଇଛି । ସେଠାରେ ହାତୀ ଛୁଆଟିକୁ ଜଙ୍ଗଲରେ ଛଡାଯିବ । ଏହି ଅବସରରେ ହାତୀଟିକୁ ଉଦ୍ଧାର କରି ପାଳିଥିବା ବନରକ୍ଷୀ ମାନେ ଏହି ଦୁଇ ଦିନର ସମ୍ପର୍କ ଭିତରେ ଭାବବିହ୍ୱଳ ହୋଇପଡିଥିଲେ । ଏକ ସ୍ୱତନ୍ତ୍ର ଯାନ ଯୋଗେ ହାତୀ ଛୁଆଟିକୁ କପିଳାସ ଜଙ୍ଗଲକୁ ନିଆଯିବାର ବ୍ୟବସ୍ଥା କରାଯାଇଛି । ଗତ ୨୯ ତାରିଖ ଦିନ ଏହି ତିନି ହାତୀ ଛୁଆଟିକୁ ଚିକିଟି ନିକଟସ୍ଥ ବାହୁଦା ଚିଙ୍ଗୁଡ଼ି ଜଳ ହ୍ରଦରୁ ଧିବର ମାନେ ଉଦ୍ଧାର କରିଥିଲେ । ଏହି ଛୁଆ ହାତୀଟିକୁ ହାତୀ ପଲ ସଙ୍ଗରେ ନନେଇ ଛାଡି ଚାଲିଯାଇଥିଲେ । ଖବର ପାଇ ବନ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ହାତୀଛୁଆଟିକୁ ଟାମଣା ବିଟ୍ ହାଉସ୍ କୁ ଆଣିଥିଲେ । ସେଠାରେ ତାର ଚିକିତ୍ସା କରାଯାଇଥିଲା । ହାତୀ ଛୁଆଟି ଏବେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଛି ।

ଘର ଆଗରେ ରାସ୍ତାକୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୧।୧ (ନି.ପ୍ର): ସରକାରୀ ରାସ୍ତା ଠାରୁ ଘରକୁ ଯିବା ପାଇଁ ଅନାବାଦୀ ହୁଡାକୁ ଗ୍ରାମବାସୀ ମାନେ ବ୍ୟବହାର କରୁଥିବା ବେଳେ ଏହାକୁ କେତେକ ବ୍ୟକ୍ତି ଜବରଦଖଲ କରି ଘର ସାମ୍ନାରେ ବାଡ ବୁଜି ଥିବାରୁ ପିଡିତ ପରିବାର ଜିଲ୍ଲାପାଳଙ୍କୁ ଭେଟି ପ୍ରତିକାର ଲୋଡିଛନ୍ତି । ଅଭିଯୋଗ ମୁତାବକ ଆଳି ଥାନା ଅଧିନ ନଳପାରି ଗ୍ରାମର ନଳପାରି ଠାରୁ ଦକ୍ଷିଣଡିହା ଆରଡି ରାସ୍ତା କଡରେ ଥିବା ଅର୍ଣ୍ଣପୂର୍ଣ୍ଣା ନାୟକଙ୍କ ଘରକୁ ଯିବାପାଇଁ ୬୦-୭୦ ଫୁଟର ହିଡକୁ ପରିବାର ଲୋକେ ବିରୋଧ କରୁଥିଲେ । ସେହି ଗ୍ରାମର ଜନୈକ ବ୍ୟକ୍ତି ଖୁଣ୍ଟ ପୋତିବା ସହ ବାଡାବନ୍ଦୀ କରି ପରିବାର ଲୋକଙ୍କୁ ହଇରାଣ ହରକତ କରୁଥିବା ଅଭିଯୋଗ ହୋଇଛି । ଏନେଇ ଅର୍ଣ୍ଣପୂର୍ଣ୍ଣା ନାୟକ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି ।

ବ୍ରହ୍ମପୁର ପୋଲିସର କାର୍ଯ୍ୟାନୁଷ୍ଠାନ

୨୯.୬ ଲିଟର ମଦ ଜବତ : ୩ ଗିରଫ

ଗଞ୍ଜାମ,୧।୧ (ନି.ପ୍ର): ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ଗତ ୩୦ ତାରିଖ ସକାଳ ୬ଟା ଠାରୁ ୩୧ ତାରିଖ ସକାଳ ୬ ଟା ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ ଓ ମଦ ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକ ୨୦୬ ଜଣଙ୍କ ଚାଲାଣ କଟାଯାଇଛି । ସେମାନଙ୍କ ନିକଟରୁ ଜୋରିମାନା ବାବଦକୁ ୧ ଲକ୍ଷ ୩ ହଜାର ଟଙ୍କା ଆଦାୟ କରାଯାଇଛି । ମାସ୍କ ବ୍ୟବହାର କରୁନଥିବା ୧୨ ଜଣ ବ୍ୟକ୍ତି ବିଶେଷଙ୍କ ନିକଟରୁ ୨୪୦୦ ଟଙ୍କା । ଏହିପରି ଜୋରିମାନା ବାବଦକୁ ମୋଟ୍ ୧ ଲକ୍ଷ ୫ ହଜାର ୪୦୦ ଟଙ୍କା ଆଦାୟ କରାଯାଇଛି । ସେହିପରି ବିଭିନ୍ନ ସ୍ଥାନରେ ଚଢ଼ଉ ବେଳେ ୨୯.୬ ଲିଟର ମଦ ଜବତ ହୋଇଛି । ଏ ସଂକ୍ରାନ୍ତରେ ୩ଟି ଅବକାରୀ ମାମଲା ରୁଜୁ କରାଯିବା ସହ ଘଟଣାରେ ତିନି ଜଣଙ୍କୁ ଗିରଫ କରାଯାଇଛି ।

୧୫ ହଜାର ଟଙ୍କା ଲାଂଚ ନେବା ବେଳେ ଧରାପଡିଲେ ସୁନ୍ଦରଗଡ଼ ପୌର ନିର୍ବାହୀ ଅଧିକାରୀ

ରାଉରକେଲା,୧।୧ (ନି.ପ୍ର): ଲାଂଚ ନେବାବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି ସୁନ୍ଦରଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର । ସଫେଇ କର୍ମଚାରୀଙ୍କ ଡ୍ରେସ୍ ବିଲ୍ କରାଇଦେବାକୁ ସେ ଜଣେ ଟେଲରିଂ ସଂସ୍ଥାର ମାଲିକଙ୍କ ଠାରୁ ୧୫ ହଜାର ଟଙ୍କା ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଜିଜିଲାନ୍ସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି । ଏଠାରେ ଉଲ୍ଲେଖଯୋଗ୍ୟ, ପୌର ପରିଷଦରେ କାର୍ଯ୍ୟରତ ସଫେଇ କର୍ମଚାରୀ ମାନଙ୍କ ୟୁନିଫର୍ମ ପୋଷାକ ତିଆରି ନିମନ୍ତେ ପରିଷଦ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାର ଏକ ଟେଲରିଂ ସଂସ୍ଥାକୁ ଦାୟୀତ୍ୱ ଦିଆଯାଇଥିଲା । ସେ ବାବଦରେ ସମ୍ପୃକ୍ତ ସଂସ୍ଥା ୧ ଲକ୍ଷ ୭୭ ହଜାର ଟଙ୍କା ପାଇବାକୁ ଥିଲେ ମଧ୍ୟ ଆବଶ୍ୟକୀୟ ବିଲ୍ ଦେଇ ସାରି ପୌର ନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ରଙ୍କୁ ବାରମ୍ବାର ନିବେଦନ କରି ଆସିଥିଲେ । ତେବେ ମୁଲଚାଲ୍ ପରେ ଆଜି ଅପରାହ୍ନ ୪ଟା ୨୦ ମିନିଟ୍ ସମୟରେ ସମ୍ପୃକ୍ତ ଟେଲରିଂ ସଂସ୍ଥାର ମାଲିକଙ୍କ ଠାରୁ ନଗଦ ୧୫ ହଜାର ଟଙ୍କା ଲାଂଚ ଗ୍ରହଣ କରୁଥିବା ବେଳେ ସୁନ୍ଦରଗଡ଼ ଭିଜିଲାନ୍ସ କାର୍ଯ୍ୟାଳୟର ଇନ୍ସପେକ୍ଟର ସୁଧାଶୁଂଶେଖର ପୁଜାରୀଙ୍କ ସମେତ ଅନ୍ୟ ଅଧିକାରୀ ମାନେ ସେଠାରେ ଚଢ଼ଉ କରିଥିଲେ । ଶେଷ ଖବର ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଘରେ ତଲାସୀ ଜାରୀ ରହିଛି ।

ଅମ୍ବାନୀଙ୍କୁ ହଟାଇ ଏସିଆର ସବୁଠୁ ଧନୀ ବ୍ୟକ୍ତି ହେଲେ ଜୋଙ୍ଗ୍ ସାନ୍‌ସ୍‌ହାନ୍

ନୂଆଦିଲ୍ଲୀ,୧।୧ (ନି.ପ୍ର): ଭାରତର ମୁକେଶ ଅମ୍ବାନୀ ଏବଂ ଚୀନର ଜାକ୍ ମାଙ୍କୁ ଟପି ସମ୍ପ୍ରତି ଚୀନର ଜୋଙ୍ଗ୍ ସାନ୍‌ସ୍‌ହାନ୍ ଏସିଆ ମହାଦେଶର ସବୁଠାରୁ ବିତ୍ତଶାଳୀ ବ୍ୟକ୍ତି ହୋଇଛନ୍ତି । ଏ ବର୍ଷ ଜୋଙ୍ଗ୍‌ଙ୍କ ସମୁଦାୟ ସମ୍ପତ୍ତି ୭୦.୯ ବିଲିୟନ୍ ଡଲାର ବୃଦ୍ଧି ପାଇ ୭୭.୮ ବିଲିୟନ ଡଲାରରେ ପହଂଚି ତାଙ୍କୁ ବିଶ୍ୱର ୧୧ଶ ବିତ୍ତଶାଳୀ ବ୍ୟକ୍ତିରେ ପରିଣତ କରିଥିବା କଥା 'ବ୍ଲୁମ୍‌ବର୍ଗ ବିଲିଓନେୟର୍ସ ଇଣ୍ଡେକ୍ସ'ରୁ ଜଣାପଡ଼ିଛି । ଜଣେ ଏତେ ଶୀଘ୍ର ଏତେ ଗୁଡ଼ାଏ ସମ୍ପତ୍ତି ଅର୍ଜନ କରିବାରେ ଏହା ଇତିହାସରେ ପ୍ରଥମ ଘଟଣା ବୋଲି କୁହାଯାଉଛି । ଉଲ୍ଲେଖନୀୟ କଥା ହେଉଛି ଚୀନ୍ ବାହାରେ ଏ ବର୍ଷ ପର୍ଯ୍ୟନ୍ତ ତାଙ୍କୁ କେହି ଚିହ୍ନି ନଥିଲେ । ୬୬ବର୍ଷୀୟ ଜୋଙ୍ଗ୍ ରାଜନୀତିରେ ସମ୍ପୃକ୍ତ ନୁହଁନ୍ତି । ତାଙ୍କ ବ୍ୟବସାୟର ମଧ୍ୟ ଅନ୍ୟ ଧନିକ ପରିବାରବର୍ଗଙ୍କ ସହ କୌଣସି ସମ୍ପୃକ୍ତି ନାହିଁ । ଦୁଇଟି ବ୍ୟବସାୟରୁ ସେ ଏହି ସଫଳତା ହାସଲ କରିଛନ୍ତି । ପ୍ରଥମଟି ହେଲା ଗତ ଏପ୍ରିଲ ମାସରେ ସେ ଟିକା ନିର୍ମାତା 'ବେଜିଙ୍ଗ୍ ୱାନଟାଇ ବାୟୋଲଜିକାଲ ଏଣ୍ଟରପ୍ରାଇଜ୍ କୋ.'କୁ ହାତକୁ ନେଇଥିଲେ । ଦ୍ୱିତୀୟଟି ତା'ର କିଛି ମାସ ପରେ ପାଣି ବୋତଲ କମ୍ପାନି 'ନୋଙ୍ଗ୍‌ଫୁ ସ୍ପ୍ରିଙ୍ଗ'କୁ ନିଜ ମାଲିକାନାକୁ ନେବାପରେ ତାହା

ହଙ୍ଗକଙ୍ଗରେ ଚହଳ ପକାଇବା ସହ ବିକ୍ରି ଖୁବ୍ ବଢ଼ିଯାଇଥିଲା । ସେ ଏହି ଦୁଇଟି ବ୍ୟବସାୟ ଚାଲୁ କରିବାକ୍ଷଣି 'ନୋଙ୍ଗ୍‌ଫୁ'ର ସେୟାର ୧୫୫% ଏବଂ 'ୱାନଟାଇ'ର ସେୟାର ୨୦୦୦%ରୁ ଅଧିକ ବୃଦ୍ଧି ପାଇଥିଲା । ଏଠାରେ ସୂଚନା ଦିଆଯାଇପାରେ ଯେ, ଏବର୍ଷ ଅମ୍ବାନୀଙ୍କ ସମ୍ପତ୍ତି ମଧ୍ୟ ୧୮.୩ ବିଲିୟନ୍ ଡଲାର ବୃଦ୍ଧି ପାଇ ୭୬.୯ ବିଲିୟନ୍ ଡଲାରରେ ପହଂଚିଛି ।

ତାଳପଦା ଗ୍ରାମରେ ଅଗ୍ନିକାଣ୍ଡ

ଭଦ୍ରକ,୧।୧ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକର ଜଳମଣ୍ଡୁଆ ପଞ୍ଚାୟତ ତାଳପଦା ଗ୍ରାମର ଶରତ ଦାସଙ୍କ ଧାନଖଳାରେ ଆଜି ଅଗ୍ନିକାଣ୍ଡ ଘଟି ତିରିଶ ବସ୍ତା ଧାନ ସମେତ କଚଡା ଜଳିଯାଇଛି । ଗ୍ରାମବାସୀମାନେ ଅଗ୍ନିକୁ ଆୟତ୍ତ କରିଥିଲେ ମଧ୍ୟ ବହୁ ଧାନବସ୍ତା ଓ କଚଡା ଜଳିଯାଇଥିଲା । ଏପର୍ଯ୍ୟନ୍ତ ଅଗ୍ନିକାଣ୍ଡର କୌଣସି କାରଣ ସଠିକ୍ ଜଣାପଡିନାହିଁ । ଏହା ଏକ ଗରିବ ପରିବାର ଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସର୍ବସାଧାରଣରେ ଦାବି ହୋଇଛି ।

ଜଗତସିଂହପୁର ଜିଲ୍ଲାରେ ୫ ନୂଆ କରୋନା ଆକ୍ରାନ୍ତ

ଜଗତସିଂହପୁର,୧।୧ (ନି.ପ୍ର): ଜଗତସିଂହପୁର ଜିଲ୍ଲାରେ ଆଜି ଆଉ ୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୯୦୭୭ କୁ ବୃଦ୍ଧି ପାଇଛି । ଅଦ୍ୟାବଧି ୭୭ ଆକ୍ରାନ୍ତ ସୁସ୍ଥ ହେଲେଣି । ଜିଲ୍ଲାରେ କରୋନାଜନିତ ସକ୍ରିୟ ମାମଲା ୩୯ ରହିଛି । ନୂଆ ଚିହ୍ନଟ ଏହି ୫ ଆକ୍ରାନ୍ତଙ୍କ ମଧ୍ୟରେ , ଏରସମା ରୁ ୧ ଜଣ , ନାଉଗାଁ ରୁ ୧ ଜଣ , ତିର୍ତୋଲ ରୁ ୩ ଜଣ, ଏହାକୁ ମିଶାଇ ଆଜି ଜିଲ୍ଲାରୁ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୮ ।

କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ସିପିଆଇ(ଏମ୍) ର ଆନ୍ଦୋଳନ ଧମକ

କେନ୍ଦ୍ରାପଡା,୧।୧ (ନି.ପ୍ର): ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିବା ସହିତ ଦାବି ପୁରଣ ନହେଲେ ଆନ୍ଦୋଳନ ଧମକ ଦିଆଯାଇଛି । କୃଷି ଉପରେ ନିର୍ଭର କରୁଥିବା କେନ୍ଦ୍ରାପଡା ଜିଲ୍ଲା ବନ୍ୟା, ବାତ୍ୟା, ମରୁଡିର ଚିର ସହଚର ଓ ଶିଳ୍ପ ବିହିନ ତଥା ଅର୍ଥନୈତିକ କ୍ଷେତ୍ରରେ ପଛୁଆ । କେନ୍ଦ୍ରାପଡା ଜିଲ୍ଲାରେ ବହୁ ଦିନରୁ ଦାବି ହେଉଥିବା ମେଡିକାଲ କଲେଜ ପାଇଁ ନବୀନ ସରକାର କର୍ଣ୍ଣପାତ ନକରିବା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ । ଏ ସଂପର୍କରେ ସିପିଆଇ(ଏମ୍) ସହିତ ବିଭିନ୍ନ ରାଜନୈତିକ ଦଳ, ଗଣ ସଂଗଠନ ଓ ସାମାଜିକ ସଂଗଠନ ମାନେ ବହୁ ଆଗରୁ ବିଭିନ୍ନ ସମୟରେ ଦାବି କାରି ଆସୁ ଅଛନ୍ତି । ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ମେଡିକାଲ କଲେଜ ମାନ ପ୍ରତିଷ୍ଠା କରିବା ସାଧୁ ଉଦ୍ୟମ ବୋଲି ସିପିଆଇ(ଏମ୍) ଅବିହିତ କରୁଛି । କିନ୍ତୁ ପରିତାପର ବିଷୟ ନବୀନ ବାବୁଙ୍କ ପିତାଙ୍କ ରାଜନୈତିକ କର୍ମଭୂମି କେନ୍ଦ୍ରାପଡା ପ୍ରତି ବାରମ୍ବାର ଅବିଚାର କରିବା ଅତ୍ୟନ୍ତ ବେଦନା ଦାୟକ ଘଟଣା । କେନ୍ଦ୍ରାପଡା ଜିଲ୍ଲା ବାସୀଙ୍କ ଆବଶ୍ୟକତାକୁ ପୁରଣ କରିବା ସହିତ ଭାବାବେଗକୁ ସମ୍ମାନ ଦେଇ ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା କଲେ ଜିଲ୍ଲାବାସୀ ଉପକୃତ ହେବେ ଏବଂ ନବୀନ ବାବୁଙ୍କ ନିକଟରେ ଚିର କୃତଜ୍ଞ ରହିବେ । ନୋହିଲେ ଖୁବ୍ ଶିଘ୍ର ପାର୍ଟି ତରଫରୁ ତୁରନ୍ତ ଆନ୍ଦୋଳନ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପାର୍ଟିର ଜିଲ୍ଲା ସଂପାଦକ ଗୟାଧର ଧଳ, କେନ୍ଦ୍ରାପଡା ବାର ଆସୋସିଏସନର ପୂର୍ବତନ ସଭାପତି ଆଡଭୋକେଟ ଉମେଶ ଚନ୍ଦ୍ର ସିଂହ, ସିଆଇଟିୟୁ ର ଜିଲ୍ଲା ସଂପାଦକ ଜଗତ ଜୀବନ ଦାସ, ବାବାଜୀ ପରିଡା, କାଳି ପ୍ରସାଦ ନାୟକ, ଧିବର ବେହେରା, ରଦ୍ଧଞ୍ଜୟ ମଲିକ, ଭୀମସେନ ବେହେରା, ଅର୍ଜୁନ ମଣ୍ଡଳ, ନଳିନୀ ପ୍ରଭା ତରାଇ, ଅସିତ ମିର୍ଦ୍ଧା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଫୁଲବାଣୀରେ ଏନ୍.ଡ଼ି.ଆର୍.ଏଫ୍ ପକ୍ଷରୁ ଜନସଚେତନତା ପ୍ରଶିକ୍ଷଣ ଶିବିର

କନ୍ଧମାଳ,୧।୧ (ନି.ପ୍ର): କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସିଦିଙ୍ଗୀଠାରେ ଥିବା ପିଲା ସାଲୁଙ୍କ ଡ୍ୟାମ୍ ପରିସରରେ ବୁଧବାର ଏନ୍.ଡ଼ି.ଆର୍.ଏଫ୍ ପକ୍ଷରୁ ଏକ ଜନ ସଚେତନତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏନ୍,ଡ଼ି.ଆର୍.ଏଫ୍ ଟିମ୍ର ମୁଖ୍ୟ ସୁଜିତ୍ ସିଂଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଗଭୀର ଜଳରେ ବୁଡ଼ି ଯାଉଥିବା ସମୟରେ କିଭଳି ଭାବେ ନିଜକୁ ସୁରକ୍ଷିତ ରଖିବା ସହିତ ବୁଡିଯାଉଥିବା ଲୋକଙ୍କୁ ବଂଚେଇ ଅନ୍ୟମାନଙ୍କ ଜୀବନ ରକ୍ଷା କରିପାରିବାର କୌଶଳ , ସାପ କାମୁଡ଼ାରେ କିପରି ଭାବେ ପ୍ରାଥମିକ ଚିକିତ୍ସା କରି ମେଡ଼ିକାଲ୍‌ରେ ପହଂଚାଇ ପାରିବା ଭଳି ବିଭିନ୍ନ ଦିଗରେ କମାଣ୍ଡୋ, ଇନିସପେକ୍ଟର ବିଶ୍ୱନାଥ ଚୌଧୁରୀ ଜନସାଧାରଣଙ୍କ ସମ୍ମୁଖରେ ନିଜ ଟିମ୍‌ର ସଦସ୍ୟ ମାନଙ୍କ ସହିତ ପ୍ରଦର୍ଶିତ କରି ଦେଖାଇଥିଲେ । ଏହି ଅବସରରେ ସ୍ୱେଚ୍ଛାସେବୀ ସଦାନନ୍ଦ ଦେହୁରୀ ବ୍ୟବହାରିକ ଭାବେ ପରୀକ୍ଷା କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଜୁରିପଡ଼ା ବି.ଡ଼ି.ଓ ରବିନ୍ଦ୍ର ନାଥ କହଁର, ବ୍ଲକ ଅଧକ୍ଷ ବିରେନ୍ଦ୍ର କୁମାର କହଁର , ତହସିଲ୍‌ଦାର ସ୍ୱପ୍ନିତା ନାୟକ ,ଡ଼ିଏସ୍‌ପି ଏ.କେରେକେଟାଙ୍କ ସମେତ ଖଜୁରିପଡ଼ା ଥାନାର ପୋଲିସ୍ ବାହାନୀ ଓ ଦମକଳ ବାହିନୀ ଏଥିରେ ଯୋଗଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିମ୍ ହ୍ୟୁମାନିଟ୍ କନ୍ଧମାଳର ସଦସ୍ୟମାନେ ସମସ୍ତ କାର୍ଯ୍ୟକ୍ରମରେ ଏନ୍.ଡ଼ି.ଆର୍.ଏଫ୍ ଟିମ୍ କୁ ସହଯୋଗ କରିଥିଲେ ।

ଫୁଲବାଣୀରେ ଯୁବ, ଛାତ୍ର ବିଜେଡି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କନ୍ଧମାଳ,୧।୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଆୟୋଜିତ ହୋଇଯାଇଛି । ଶିବିରକୁ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ଏବଂ ବିଜୁ ଜନତା ଦଳ ଜିଲ୍ଲା ସଭାପତି ସରୋଜ କର୍ଣ୍ଣ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଫୁଲବାଣୀ ରକ୍ତ ଭାଣ୍ଡାର ପରିସରରେ ଆୟୋଜିତ ଏହି ଶିବିରରେ ରକ୍ତ ସଂଗ୍ରହ କାର୍ଯ୍ୟ ରକ୍ତ ଭଣ୍ଡାର ଅଧିକାରୀ ଡା.ଜୟଦୀପ କୁମାର ଘୋଷଙ୍କ ପରିଚାଳନାରେ ଟେକନିସିଆନ ଶରତ ଚନ୍ଦ୍ର ଭଜ,ଦିନକୃଷ୍ଣ ମହନ୍ତ,ସୁଜିତ କୁମାର ସାହୁ,ତୃଷାର କାନ୍ତ ପ୍ରଧାନ ଏବଂ ବରୁଣ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ଶିବିରରେ ମୋଟ ୪୨ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବରେ ରକ୍ତ ଦାନ କରିଥିଲେ । ଶିବିରରେ ଜିଲ୍ଲା ଯୁବ ବିଜୁ ଜନତା ଦଳ ସଭାପତି ପାର୍ଥସାରଥି ବିଶ୍ୱାଳ ଏବଂ ଛାତ୍ର ବିଜେଡି ସଭାପତି ସୁନିଲ ସେଠୀଙ୍କ ସମେତ ଫୁଲବାଣୀ ନଗର ସଭାପତି ସୁଧିର କହଁର,ବିରେନ୍ଦ୍ର କହଁର, ଦେବାଶିସ ବେହେରା, ପ୍ରଶନ୍ନ ବେହେରା, ପବୀଣ ବେହେରା, ଦେବବ୍ରତ ନାୟକ, ଧନଞ୍ଜୟ ପାତ୍ର, ବିଦ୍ୟାଧର ପ୍ରଧାନ, ଶତ୍ରୁଘନ ମହାନନ୍ଦିଆ, ଅନିରୁଦ୍ଧ ମୁଖି, ସଞ୍ଜିତ ମଲ୍ଲିକ, ମାଧବି ମିଶ୍ର, ଆକାଶ ନାୟକ, ଆଶିଷ କୁମାର ନାୟକ, ହେମନ୍ତ ନାୟକ, ରବିନ୍ଦ୍ର କୁମାର କହଁର ଏବଂ ମିଥୁନ ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ ।

ଗଞ୍ଜାମ ପୋଲିସର କାର୍ଯ୍ୟାନୁଷ୍ଠାନ

୯୧୬.୪୫୦ ଲିଟର ମଦ ଜବତ : ୧୩ ଗିରଫ

ଗଞ୍ଜାମ,୧।୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ଗତ ୩୦ ତାରିଖ ସକାଳ ଠାରୁ ୩୧ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ ଓ ବେଆଇନ ମଦ କାରବାର ଉପରେ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକଙ୍କ ଠାରୁ ୩୪ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଅନୁରୂପ ଭାବେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ମଦ ବ୍ୟବସାୟୀଙ୍କ ଉପରେ ଚଢ଼ଉ କରାଯିବା ସହିତ ଏସବୁ ସ୍ଥାନରୁ ୯୧୬.୪୫୦ ଲିଟର ମଦ ଜବତ ହୋଇଛି । ଘଟଣାରେ ୧୩ ଜଣଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ପୃଥକ୍‌ପୃଥକ୍ ୧୩ଟିଅବକାରୀ ମାମଲା ଥାନାରେ ରୁଜୁ କରାଯାଇଛି ।

ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

କେନ୍ଦ୍ରାପଡା,୧।୧ (ନି.ପ୍ର): ଅଣ ନିଯୁକ୍ତି ତାଲିମ ପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରାଯାଇଛି । ବିଶ୍ୱ ମହାମାରୀ କୋଭିଡ-୧୯ କରୋନା ସଂକ୍ରମଣ କାଳୀନ ସ୍ୱାସ୍ଥ୍ୟସେବା ରେ ଅସ୍ଥାୟୀ ଭାବରେ ନିଯୁକ୍ତି ପାଇଥିବା ତାଲିମ ପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ଛଟେଇ ନକରି ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି କରାଯାଇଛି ।

ତୁଳସୀ ମହିଳା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ୱେବିନାର୍

କେନ୍ଦ୍ରାପଡା,୧।୧ (ନି.ପ୍ର): ସ୍ଥାନୀୟ ତୁଳସୀ ମହିଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ "ଷ୍ଟାଣ୍ଡାର୍ଡାଇଜେସନ୍ ଅଫ୍ ହର୍‌ବାଲ୍ ଡ୍ରଗସ୍ : ଟ୍ରାଡିସ୍‌ନାଲ୍ ମେଥଡସ୍ ଟୁ ମଡର୍ଣ୍ଣ ଆପ୍ରୋଚ୍" ସନ୍ଦର୍ଭ ଉପର

ସତରେ କ'ଣ ଆମେ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଏହା ଅନେକ ଜାଗାରେ ଫଳପ୍ରଦ ହେବାରୁ ଶୁଶୁମୃତ୍ୟୁ ହାରରେ ମଧ୍ୟ ଫରକ ପଡିଲା। ଗର୍ଭବତୀ ମହିଳାମାନେ ଅନେକାଂଶରେ ଉପକୃତ ହେବାର ଦେଖାଗଲା। ଆଶା ଦିଦିମାନେ କେବଳ ମହିଳା ଏବଂ ଛୁଆ ମାନଙ୍କ ପାଇଁ କାର୍ଯ୍ୟ କରି ସେମାନଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ନେଲେ। ଏବେ ଜତୀୟ ସ୍ତରରେ ୨୦୨୨ ମସିହା ଭିତରେ କୁପୋଷଣ ମୁକ୍ତ ଭାରତ (ଓଭୟସବ ଲକ୍ସରର ଲକ୍ସକ୍ଟଞ୍ଜ ଞ୍ଜବକ୍ଷଭଙ୍ଗଶ୍ପକ୍ସସଶ୍ପସକ୍ଟଭ) ନିର୍ମାଣ କରିବା ଦିଗରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ନ୍ୟାୟ(ଘଣଇଣଇ) ଯୋଜନା ମାଧ୍ୟମରେ କେତେକ ବୁଦ୍ଧିଜୀବୀ ଆଶା କରୁଛନ୍ତି ଆମେ ଦେଶର ସମସ୍ତ ଜଣସାଧାରଣଙ୍କ ପାଇଁ ଖାଦ୍ୟ ସୁରକ୍ଷା ଦେବାକୁ ସମର୍ଥ ହେବା। ୨୦୨୨ ମସିହା ଆସି ସରିବାକୁ ମାତ୍ର ଦୁଇବର୍ଷ ସମୟ ବାକି ଅଛି। ଯଦିଓ ଅସମ୍ଭବ ବୋଲି କିଛି ନାହିଁ, ତଥାପି ଏ କରୋନା କାଳର ଅବ୍ୟବସ୍ଥା ଏବଂ ଗତିବିଧି ଦେଖିଲା ପରେ ସବୁରି ମନରେ ସନ୍ଦେହ ହେଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ୨୦୧୭ ମସିହା ନଭେମ୍ବର ୩୦ ତାରିଖରେ ଏକ ଜାତୀୟ ପୃଷ୍ଟିକରଣ ଲକ୍ଷ୍ୟ ନାଁ ରେ ନଅ ହଜାର ଛୟାଳିଶ କୋଟି ସତର ଲକ୍ଷ ଟଙ୍କାର ବଜେଟ ସଂରକ୍ଷିତ ରଖାଯାଇ କାମ ଚାଲିଛି। ଗତବର୍ଷ ସୁଧା ତିନିଶହ ପନ୍ଦର ଜିଲ୍ଲାରେ ସୁଫଳ ଆସିଛି ବୋଲି ସରକାରଙ୍କ ତରଫରୁ ଦାବି କରାଯାଉଛି, ଯାହା ପ୍ରାୟ ଅର୍ଦ୍ଧାଧିକ। ବାକି ଅଧାକୁ ଟିକେ ମନ ଲଗେଇ ବାବୁମାନେ ପରିଶ୍ରମ କଲେ ସମ୍ଭବ ହୋଇପାରେ, ଯାହା ସମୟ କହିବ। ୨୦୧୩ମସିହା ସେପ୍ଟେମ୍ବର ମାସରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନି ପାରିତ ହୋଇଥିଲା। ଭାରତ ସରକାରଙ୍କ ପକ୍ଷରୁ ଏହା ଥିଲା ପ୍ରଥମ ବଡ ପଦକ୍ଷେପ। ଏହି ଆଇନିର ମହତ ଉଦ୍ଦେଶ୍ୟ ଥାଇ ମଧ୍ୟ ସବୁ ରାଜନୈତିକ ଦଳର ଶତ ପ୍ରତିଶତ ସହଯୋଗ ମିଳିଲାନି। କିଛି ପରିବାର ଯୋଗ୍ୟ ଥାଇ ମଧ୍ୟ ସେମାନଙ୍କୁ ଏହି ଆଇନିର ପରିସର ଭିତରେ ରଖି ଯଥୋଚିତ ସାହାଯ୍ୟ କରିବାରେ ଆମଦେଶର ପ୍ରଶାସନ ସମର୍ଥ ହେଲାନି, ତେଣୁ ସେମାନେ ପ୍ରକୃତ ସୁବିଧା ସୁଯୋଗରୁ ବଂଚିତ ହେବା ଫଳରେ ଆମଦେଶର ଭୋକିଲା ଏବଂ ପୃଷ୍ଟିହୀନତା ସୂଚକାଙ୍କ ଗୁଡିକ ପ୍ରଭାବିତ ହେବା ସ୍ୱାଭାବିକ୍ କଥା। ଏବେ ଆଜିର ବିଶ୍ୱ ମାନଚିତ୍ରରେ ଆମଭାରତକୁ ଗୋଟିଏ ଉନ୍ନତଦେଶ ବୋଲି ପ୍ରତିଷ୍ଠା କରିବା ପୂର୍ବରୁ ପ୍ରଥମେ ଭାରତର ପ୍ରତ୍ୟେକ ନାଗରିକଙ୍କୁ ଏହି ଖାଦ୍ୟ ସୁରକ୍ଷା ଆଇନିରେ ଅ'ର୍ଭୁକ୍ତ କରି ସୁଷମ ଖାଦ୍ୟର ବିଶେଷ ଅଧିକାର ଦେବା ଅନିବାର୍ଯ୍ୟ। ଆମ ଦେଶରେ ନୀତି ନିୟମ ଯଥେଷ୍ଟ ଅଛି, କିନ୍ତୁ ଏହାକୁ ଲାଗୁକରିବାରେ ସେମିତି ଆ'ରିକତା କିଛି ଦେଖାଯାଉନି। ଯାହାଫଳରେ ଭଲ ନିୟମଗୁଡିକର ସୁଫଳ ଆମକୁ ମିଳୁନି। ଆମ ଓଡିଶାର ଗରିବି ସୂଚୀରେ ଏବେ ୩୨.୫୯ଅଙ୍କ, ଯାହାକି ଭାରତ ସଂଦର୍ଭରେ ୨୧.୯୨। ବିହାରରେ ଏହି ସଂଖ୍ୟା ଆମଠାରୁ ଆଉରି ଖରାପ, ତାହା ୩୩.୭୪। ଏସବୁ ବିଷୟରେ ସତ୍ୟାସତ୍ୟ ଜାଣିବାକୁ ହେଲେ ନେତାମାନଙ୍କୁ ଗାଁକୁ ଯିବାକୁ ହେବ। ବଡବଡ ଅତି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ଲୋକପରିକା ନୁହେଁ, ଜଣେ ସାଧାରଣ ଲୋକ ପରି ଜଣେ ଦୁଇଜଣଙ୍କୁ ସାଥିରେ ଧରି ସାଧାପୋଷାକରେ ଗଲେ ନିଛକ ସତର ଅଭାସ ମିଳିବ, ଯାହାକି ସେମାନଙ୍କୁ ନୀତି ନିର୍ଦ୍ଧାରଣ କରିବା ଦିଗରେ ସହାୟକ ହେବ। ଏମିତିରେ ସାଧାରଣ ଲୋକଙ୍କର ପ୍ରକୃତ ଅବସ୍ଥା ଜଣାଗଲେ, ସେମାନେ ଉଚିତ୍ ରଣନୀତି ବାହାର କରି ଦେଶକୁ କୁପୋଷଣ ଏବଂ ଭୋକରୁ ମୁକ୍ତ କରିପାରିବେ।

ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍ବି
ଭଜନ ସଂଗୀତ (bidyadhar panda music - in youtube) ପ୍ରତିଷ୍ଠାତା
ଏଲ୍-୧୭/୧୫, ଫଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦

ନୂଆବର୍ଷ ଓଡ଼ିଆ ଜାତି ପାଇଁ ଉତ୍ସାହ ଏବଂ ଉଦ୍ଦୀପନାର ବର୍ଷ ହେଉ : ଧର୍ମେନ୍ଦ୍ର

ଭୁବନେଶ୍ୱର,୦୧।୦୧ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଇଂରାଜୀ ନୂତନ ବର୍ଷ ୨୦୨୧ ବିଶ୍ୱ, ଦେଶ ଓ ସମସ୍ତ ଓଡ଼ିଆ ଜାତି ପାଇଁ ଉତ୍ସାହ ଓ ଉଦ୍ଦୀପନାର ବର୍ଷ ହେଉ। ମହାପ୍ରଭୁଙ୍କ ଆଶୀର୍ବାଦ ସମସ୍ତଙ୍କ ଉପରେ ରହିଥାଉ ବୋଲି ଭୁବନେଶ୍ୱର ଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ଷ ୨୦୨୦ ଅନେକ ସମସ୍ୟା ଓ ଆହ୍ୱାନ ସହ ଶେଷ ହୋଇଛି । କରୋନାର ପ୍ରକୋପ ବିଶ୍ୱ, ଦେଶ ଓ ରାଜ୍ୟକୁ ପ୍ରଭାବିତ କରିଛି । କିନ୍ତୁ ଦେଶର ନାଗରିକ ମାନଙ୍କ ସାମୂହିକ ଦୃଢ଼ ଇଚ୍ଛାଶକ୍ତି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ କାରଣରୁ ଆଜି ଦେଶ ସୁରକ୍ଷିତ ହୋଇପାରିଛି। ଦେଶର ଅର୍ଥନୀତି ଧୀରେଧୀରେ ସ୍ୱାଭାବିକ ସ୍ଥିତିକୁ ଫେରୁଛି। ଭାରତ ସରକାର କରୋନା ଟୀକା ପ୍ରସ୍ତୁତ ସହ ଅଧିକ ଲୋକଙ୍କ ପାଖରେ ଉପଲବ୍ଧ କରାଇବା ପାଇଁ ଯୋଜନା କରିଛନ୍ତି । କରୋନା ଟୀକା ସଠିକ୍ ଭାବେ ଅଧିକ ଲୋକଙ୍କ ପାଖରେ ପହଁଚାଇବା ୨୦୨୧ର ମୂଳ ଯୋଜନା ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୦୧।୦୧ (ନି.ପ୍ର): ବାଲେଶ୍ୱର ସହର ଶ୍ରୀକଣ୍ଠପୁରରେ ରହୁଥିବା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଶରତ ଚନ୍ଦ୍ର ଜେନା (୬୩)ଙ୍କର ବୁଧବାର ଦିନ ପରଲୋକ ହୋଇଯାଇଛି। କରୋନାରେ ପୀଡ଼ିତ ହୋଇ ଏମ୍ସ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅପରାହ୍ନ ପ୍ରାୟ ୨ଟା ବେଳେ ସେ ଇହଧାମ ପରିତ୍ୟାଗ କରିଥିଲେ। ଜଣେ ଦରଦୀ, ମିଷ୍ଟଭାଷୀ ତଥା ପରୋପକାରୀ ବ୍ୟକ୍ତିତ୍ୱ ଭାବେ ତାଙ୍କର ମୃତ୍ୟୁରେ ଶ୍ରୀକଣ୍ଠପୁର ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଏନେଇ ଶେରଗଡ଼ସ୍ଥିତ ଶ୍ରୀ ଅରବିନ୍ଦ ଆଶ୍ରମରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରାଯାଇଥିଲା।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଗୋଟିଏ ମିସଡ୍ କଲରେ ....

ଏହା ନୂଆବର୍ଷରେ ଭୁବନେଶ୍ୱର ଓ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ଉପହାର । ତେବେ ଖୁବ ଶୀଘ୍ର ଓଡ଼ିଶାରେ ସବୁ ଇଣ୍ଡେନର ଗ୍ରାହକ ମାନଙ୍କୁ ଏହି ମିସଡ୍ କଲ୍‌ରେ ଗ୍ୟାସ ପଞ୍ଜିକରଣ ସୁବିଧା ଉପଲବ୍ଧ କରାଯିବ ଏବଂ ଆଗାମୀ କିଛି ମାସରେ ଦେଶରେ ସୁବୁଠି ଏହି ଡିଜିଟାଲ ସୁବିଧା ଉପଲବ୍ଧ ହେବ ବୋଲି କହିଛନ୍ତି । ଏହି ହାଇଗ୍ରେଡ୍ ଯୁକ୍ତ ତୈଳ ଇନ୍ଧନକୁ ଇଣ୍ଡିଆନ ଅଏଲ ପକ୍ଷରୁ 'ଏକ୍ସପି ୧୦୦' ନାମରେ ବ୍ରାଣ୍ଡିଂ କରାଯାଇଛି। ପ୍ରିମିୟମ ଯାନ ମାନଙ୍କରେ ଏହି ତୈଳର ବ୍ୟବହାର ଦ୍ୱାରା ଇଞ୍ଜିନର ଗତି ବଢ଼ିବ । ଗତ ଡିସମ୍ବେର୧ରେ ପ୍ରଥମ ପର୍ଯ୍ୟାୟରେ ଦେଶର ୧୦ଟି ସହର ଯଥା ଦିଲ୍ଲୀ, ଗୁଡଗାଁଓ, ନୋଏଡ଼ା, ଆଗ୍ରା, ଜୟପୁର, ଚଣ୍ଡିଗଡ଼, ଲୁଧିଆନା, ମୁମ୍ବାଇ, ପୁଣେ, ଅହମ୍ମଦବାଦରେ ଏହି ହାଇଗ୍ରେଡ୍ ଯୁକ୍ତ ତୈଳ ଇନ୍ଧନକୁ ଉପଲବ୍ଧ କରାଯାଇଥିଲା । ଆସାମର ଦିଗବୋଇ ବିଶୋଧନାଗାରରୁ ଏକ୍ସପି ୧୦୦ର ପ୍ରଥମ ବ୍ୟାଚକୁ ସବୁଜ ପତକା ପ୍ରଦର୍ଶନ କରି ଏହାର ଶୁଭାରମ୍ଭ କରାଯାଇଛି । ଏକବିଂଶ ଶତାବ୍ଦୀରେ ଟେକ୍ନୋଲୋଜି ମାଧ୍ୟମରେ ନାଗରିକଙ୍କ ଇଜ୍ ଅଫ୍ ଲିଭିଂକୁ ବଢ଼ାଇବା ପାଇଁ ମୋଦି ସରକାର ପ୍ରତିବଦ୍ଧ ବୋଲି ସେ କହିଛନ୍ତି ।

ଆସନ୍ତାକାଲିଠାରୁ କରୋନା ...

ଆଂଚଳିକ ଷ୍ଟୋରରୁ ଜିଲ୍ଲା ଟୀକା ଷ୍ଟୋରକୁ ପଠାଯିବ। ସେଠାରୁ ୧୨୨୨ଟି କୋଲଡ଼ ଚେନ ପଏଂଟକୁ ପଠାଯିବ। ସେଠାରୁ ୨୯୨୭୭ସେସନ ସାଇଟକୁ ପଠାଯିବା ଏବଂ ସେଠି ଟିକା ଦିଆଯିବ। ଟିକା ଦେବା ପାଇଁ ପ୍ରଥମେ ନାମ ଦେଖି ପରିଚୟ ପତ୍ର ଯାଂଚ ହେବ। ଭାକ୍ସିନ ନେବା ପରେ ନିରିକ୍ଷଣ ରେ ୩୦ ମିନିଟ ରହିବେ। ଟୀକା କରଣ ପାଇଁ ୨୧ ଲକ୍ଷ ସିରିଂଜ ଆସିଛି। କୋଭିଡ ଗାଇଡ଼ଲାଇନ୍ ଅନୁସାରେ ସମସ୍ତେ ଆସି ଟିକା ନେବେ। ସମାଜିକ ଦୂରତ୍ୱ ରହିବ, ମାସ୍କ ପିନ୍ଧିବେ ବୋଲି ସେ କହିଛନ୍ତି ।

ଆଇଆଇଏମର ସ୍ଥାୟୀ କ୍ୟାମ୍ପସ ...

ଏହି ପଦ୍ଧତିରେ ମୌଳିକ ଜ୍ଞାନ ଡିଜିଟାଲ ମାଧ୍ୟମରେ ଦିଆଯାଉଥିବା ବେଳେ ଅନୁଭୂତି ଆଧାରିତ ଶିକ୍ଷାଦାନ ଉଦ୍ୟୋଗରୁ ଲାଇଭ ପ୍ରୋଜେକ୍ଟ ଜରିଆରେ ଶ୍ରେଣୀଗୃହରେ ଦିଆଯାଇଥାଏ। ସେହିପରି ଲିଙ୍ଗ ବିବିଧତା କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ଅନ୍ୟ ସମସ୍ତ ଆଇଆଇଏମକୁ ପଛରେ ପକାଇ ଦେଇଛି। ଏଠାରେ ୨୦୧୯-୨୧ ଏମବିଏ ବ୍ୟାଚରେ ସର୍ବାଧିକ ୪୯% ପ୍ରତିଶତ ଛାତ୍ରୀ ଥିବା ବେଳେ ୨୦୨୦-୨୨ ଏମବିଏ ବ୍ୟାଚରେ ୪୩% ଛାତ୍ରୀ ରହିଛନ୍ତି।

ଜାନୁଆରୀ ୩୧ ପର୍ଯ୍ୟନ୍ତ ....

ଆଜି ମାସର ୧ ତାରିଖ ହୋଇଥିବାରୁ ଅଙ୍ଗନବାଡ଼ି କର୍ମୀମାନେ କୋଭିଡ୍ ନିୟମାବଳୀର ଅନୁପାଳନ ପୂର୍ବକ ହିତାଧିକାରୀମାନଙ୍କ ଘରେ ପହଂଚି ଶୁଖିଲା ରାସନ ବଂଟନ କରିଛନ୍ତି । ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ଥିବାରୁ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ମଧ୍ୟ ରନ୍ଧାଖାଦ୍ୟ ବଦଳରେ ଶୁଖିଲା ରାସନ ବଂଟନ କରାଯାଇଛି। ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାର ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ସକାଳ ଜଳଖିଆ ବାବଦକୁ ମାଣ୍ଡିଆ ଚୁନା ବଂଟନ କରାଯିବା ସହ ଘରେ ମାଣ୍ଡିଆ ଲଡୁ ପ୍ରସ୍ତୁତ କରି ଶିଶୁମାନଙ୍କୁ ଖୁଆଇବା ନିମନ୍ତେ ମା ମାନଙ୍କୁ ପରାମର୍ଶ ଦିଆଯାଇଛି । ଶୁଖିଲା ରାସନ୍ ବାବଦକୁ ଛତୁଆ, ବାଦାମ ଲଡୁ, ଚିକି, ଅଣ୍ଡା ଆଦି ବଂଟନ କରାଯାଇଛି । ଏହି ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ରାଜ୍ୟର ୪୫.୭୮ ଲକ୍ଷ ହିତାଧିକାରୀ ଉପକୃତ ହେଉଛନ୍ତି ।

ପ୍ରଧାନ ଶିକ୍ଷକ ଭାବେ ମୁରଲୀଧର ମିଶ୍ରଙ୍କ ଦାୟିତ୍ୱ ଗ୍ରହଣ

ଧାମନଗର,୦୧।୦୧ (ନି.ପ୍ର): ଦୀର୍ଘଦିନ ହେବ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଥିଲା। ଆଜକୁ ଦୀର୍ଘ ୨ବର୍ଷରୁ ଉର୍ଦ୍ଧ୍ୱ ହେବ ଚିତ୍ତରଂଜନ ସେନାପତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଅସୁରାଳି ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ନିକଟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ମୁରଲୀଧର ମିଶ୍ରଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଭଦ୍ରକଙ୍କ ଚିଠିନଂ ୧୦୮୭୨ ତା-୩୧/୧୨/୨୦୨୦ ଅନୁସାରେ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶ ମିଳିଥିଲା। ଜୁନିୟର ଏସ୍ଇଏସ୍ ଥିବା ଶ୍ରୀ ମିଶ୍ର ସିନିୟର ଏସ୍ଇଏସ୍‌କୁ ପଦୋନ୍ନତି କ୍ରମରେ ବଦଳି ହୋଇ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାବେ ଶୁକ୍ରବାର ଜାନୁୟାରୀ ୧ତାରିଖରେ ଯୋଗଦେଇ ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚିତ୍ତରଂଜନ ସେନାପତିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦ୍ୟାଳୟର ଶିକ୍ଷାଦାନ ଓ ବିଦ୍ୟାଳୟର ଉନ୍ନତି ନିମନ୍ତେ ମୋର ପ୍ରାୟାଶ ଜାରିରହିବା ସହିତ ଆପଣ ମାନଙ୍କର ସହଯୋଗ ଆବଶ୍ୟକ ବୋଲି ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଶ୍ରୀ ମିଶ୍ର କହିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସେକ୍ ଜାଫର ଅଲ୍ଲୀ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ ସହ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ଏହି ଦାୟିତ୍ୱ ଗ୍ରହଣ କରିବା ସମୟରେ ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର କୁମାର ଗୋସ୍ୱାମୀ ଓ ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଫିଡ଼ର ପ୍ରାଥମିକ ବିଦ୍ୟାଳୟର ଏସ୍ଏମ୍‌ସି କମିଟିର ସଭାପତି ବିଜୟ କୁମାର ବେହେରା ଉପସ୍ଥିତ ରହି ଶ୍ରୀ ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ରାଜ୍ୟର ବିକାଶ ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୧।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂତନ ବର୍ଷ ଅବସରରେ ସମସ୍ତ ମନ୍ତ୍ରୀ, ବିଧାୟକ, ବରିଷ୍ଠ ଅଧିକାରୀ, ଅଧିକାରୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଲୋକସେବା ଭବନର କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ରାଜ୍ୟର ବିକାଶ ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ମହାମାରୀ ସମୟରେ ଅଧିକାରୀ ଏବଂ କର୍ମଚାରୀମାନଙ୍କ ନିଷ୍ଠାକୁ ପ୍ରଶଂସା କରିଛନ୍ତି ।

ଓଡିଶାର ଜନତାଙ୍କୁ ଦିନବେଳେ ଲଣ୍ଠନ ଦେଖାଉଛି ବିଜେଡି:ବିଜେପି

ଭୁବନେଶ୍ୱର,୦୧।୦୧ (ନି.ପ୍ର): ଓଡିଶାରେ ଓବିସି ବର୍ଗଙ୍କୁ ସଂରକ୍ଷଣ ଦେବା ନେଇ ବିଜୁ ଜନତା ଦଳର ଦଳୀୟ ବୈଠକରେ ରିଜଲ୍ୟୁସନ ପାସ ହୋଇଛି ବୋଲି ବିଜେଡି ସାଂସଦ ସସ୍ମିତ ପାତ୍ର ଟୁଇଟ କରି ରାଜ୍ୟବାସୀଙ୍କୁ ଭ୍ରମିତ କରିଛନ୍ତି ବୋଲି ବିଜେପି ରାଜ୍ୟ ସଂପାଦିକା ଶ୍ରୀମତୀ ପିଙ୍କି ପ୍ରଧାନ କହିଛନ୍ତି । ମଣ୍ଡଳ କମିଶନ ସୁପାରିଶ ପରେ ଦେଶରେ ଓବିସି ସଂରକ୍ଷଣ ଲାଗୁ ହୋଇସାରିଛି । କେନ୍ଦ୍ର ସରକାର ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଥିବାବେଳେ ଅନ୍ୟ ରାଜ୍ୟ ଗୁଡିକ ମଧ୍ୟ ସଂରକ୍ଷଣ ବ୍ୟବସ୍ଥାକୁ ଲାଗୁ କରିଛନ୍ତି । ସେହିପରି ମୋଦି ସରକାର ଦେଶରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ସାଧାରଣ ବର୍ଗ (ଇଡବ୍ଲୁଏସ)ଙ୍କ ପାଇଁ ଚାକିରୀ ଓ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ନିମନ୍ତେ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି । କିନ୍ତୁ ରାଜ୍ୟସରକାର ଓବିସି ଓ ଇଡବ୍ଲୁଏସ ସଂରକ୍ଷଣ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ଲାଗୁ କରିନାହାଁନ୍ତି । ଏବେ ଦଳୀୟ ମିଟିଂରେ ସଂରକ୍ଷଣ କଥା ଉଠାଇ ଓଡିଶାର ଜନତାଙ୍କୁ ଦିନବେଳେ ଲଣ୍ଠନ ଦେଖାଇବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀମତୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓବିସି ମାନଙ୍କୁ ସଂରକ୍ଷଣ ଦେବା ପାଇଁ ଅନେକ ଥର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ସେହିପରି ପୂର୍ବରୁ କେନ୍ଦ୍ର ଓବିସି କମିଶନଙ୍କ ବାରମ୍ବାର ତାଗିଦ ପରେ ଗତ ଫେବୃଆରୀ ୨୦୨୦ରେ ରାଜ୍ୟ ସରକାର ଓବିସି-କମିଶନ ଗଠନ କରି କେବଳ ଔପଚାରିକତା ପୂରଣ କରିଛନ୍ତି । ନିଜର ରାଜନୈତିକ ସ୍ୱାର୍ଥକୁ ଭୁଲି ଓବିସି ଓ ପଛୁଆ ବର୍ଗ ଲୋକଙ୍କୁ ସଂରକ୍ଷଣ ଦେଇ ସେମାନଙ୍କୁ ସେମାନଙ୍କର ଅଧିକାର ପ୍ରଦାନ କରିବା ପାଇଁ ଶ୍ରୀମତୀ ପ୍ରଧାନ ଦାବି କରିଛନ୍ତି। ଏହି ଅବସରରେ ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ଶ୍ରୀ ସୁରଥ ବିଶ୍ୱାଳ ଉପସ୍ଥିତ ଥିଲେ ।

୮ ଫୁଟ୍ ଲମ୍ବର ବଉଳା କୁମ୍ଭୀରର ମୃତ୍ୟୁ : ମୃତଦେହ ଉଦ୍ଧାର କଲା ବନ ବିଭାଗ

ପଟ୍ଟାମୁଣ୍ଡାଇ,୦୧।୦୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ଅନ୍ତର୍ଗତ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ବ୍ରାହ୍ମଣୀ ନଦୀରେ ଏକ ୮ ଫୁଟ୍ ଲମ୍ବର ବଉଳା କୁମ୍ଭୀରର ମୃତ୍ୟୁ ଘଟିଥିବା ଜଣାପଡିଛି। ଖବର ପାଇ ବନ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି କୁମ୍ଭୀରର ମୃତଦେହ ଉଦ୍ଧାର କରିଛନ୍ତି । ମାଛ ଜାଲରେ ପଡି କୁମ୍ଭୀର ଟିର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ଅନ୍ୟପକ୍ଷରେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କିପରି ଓ କେଉଁ ପରିସ୍ଥିତିରେ କୁମ୍ଭୀରଟିର ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହେବ ବନ ବିଭାଗ ପକ୍ଷରୁ କୁହାଯାଇଛି ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୨ ଗିରଫ

ଭୁବନେଶ୍ୱର,୦୧।୦୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୨ ଜଣଙ୍କୁ ଗିରଫ କରିଥିବା ବେଳେ ୪୨୭ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୭,୫୫,୭୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ବ୍ରାହ୍ମଣ ସମିତିର ବାର୍ଷିକ ଅଧିବେଶନ ଓ ମାନବ କଲ୍ୟାଣ ଯଜ୍ଞ

ଶନିବାର,୦୨ ଜାନୁଆରୀ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଗୋଟିଏ ଦିନରେ ୨୪୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୧।୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୪୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୯୩୦୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୩୨୪୭୭୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୬୦୭ ରହିଛି । ଆଜି ଚିହ୍ନଟ ହୋଇଥିବା ୨୪୫ ଜଣଙ୍କ ମଧ୍ୟରୁ ୧୩୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୦୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସମ୍ବଲପୁର ଓ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୨୮-୨୮ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୨୬ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୧୪ ଜଣ, ବରଗଡ଼ରୁ ୨୫ ଜଣ, ଭଦ୍ରକରୁ ୨ ଜଣ, ବଲାଙ୍ଗୀରରୁ ୧୬ ଜଣ ରହିଛନ୍ତି । 'ସେହିପରି ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ଼ରୁ ୪ ଜଣ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ କେହି ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୧ ଜଣ, ଜଗତ୍‌ସିଂହପୁରରୁ ୯ ଜଣ, ଯାଜପୁରରୁ ୧୬ ଜଣ, ଝାରସୁଗୁଡ଼ାରୁ ୮ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡିରୁ ୫ ଜଣ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୧୦ ଜଣ, କେନ୍ଦୁଝରରୁ ୧୭ ଜଣ, ଖୋର୍ଦ୍ଧାରୁ ୨୩ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ୧, ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । । ମୟୂରଭଞ୍ଜରୁ ୧୯ ଜଣ ସଂକ୍ରମିତ ହୋଇଥିବା ବେଳେ ନବରଙ୍ଗପୁରରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ସୋର କଳାଘରର ରାଜ୍ୟସ୍ତରୀୟ ଜଳରଙ୍ଗ କର୍ମଶାଳା ଅନୁଷ୍ଠିତ

ରେମୁଣା,୦୧।୦୧ (ନି.ପ୍ର): ସୋରର ଅଗ୍ରଣୀ କଳା ଅନୁଷ୍ଠାନ କଳାଘରର ଆନୁକୂଲ୍ୟରେ ଓ ଭଦ୍ରକର ସେକେଣ୍ଡ ଉଆର୍‌ଲଡ ସହଯୋଗରେ ଗତ ୩୦ ତାରିଖ ପୂର୍ବାହ୍ଣରେ ରେମୁଣା ଗୋଲେଇ ନିକଟସ୍ଥ କୋଶମ୍ବ ନଗର ଦୁବଲାଦଡ ପରିସରରେ ଏକ ରାଜ୍ୟ ସ୍ତରୀୟ ଜଳରଂଗ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବନାରସ ହିନ୍ଦୁ ୟୁନିଭାର୍ସିଟିର କଳା ବିଭାଗର ପୂର୍ବତନ ଡିନ୍ ପ୍ରଫେସର ଦିପ୍ତୀ ପ୍ରକାଶ ମହାଂ ଓ ସହଧର୍ମିଣୀ ସନ୍ଧ୍ୟା ମହାଂ ମିଳିତ ଭାବରେ ଜଳରଙ୍ଗ କର୍ମଶାଳା ସହ କବିତା ଆସର, ଜଉକଣ୍ଢେଇ, ବାଲୁକା କଳା ଓ ଟେରାକୋଟା କର୍ମଶାଳାକୁ ରେମୁଣାର ଆରାଧ୍ୟ ଖୀରଚୋରା ଗୋପୀନାଥ ଫୋଟଚିତ୍ର ସମ୍ମୁଖ୍ୟରେ ପ୍ରଦୀପ ପ୍ରଜ୍ଜଳନ କରି ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଏହି ଅବସରରେ ସ୍ଥାନୀୟ ଗୃହିଣୀ ଚିତ୍ରଶିଳ୍ପୀ ନିଳୀମା ପ୍ରଧାନଙ୍କ ଆଦିବାସୀ ଜନଜୀବନ ଆଧାରିତ କ୍ୟାନଭାସରେ ୧୦ଟି ଏକ୍ରାଲିକ ପେଣ୍ଟିଙ୍ଗ ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଦ୍ୱୟ ଉନ୍ମୋଚନ କରିଥିଲେ । ଏହି କର୍ମଶାଳା ଉଦଘାଟନ ଉତ୍ସବରେ କଳାଘରର ମୁଖ୍ୟ ବିଶିଷ୍ଟ ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁ ସଭାପତିତ୍ୱ କରିଥିବା ବେଳେ ସେକେଣ୍ଡ ଉଆରଲରେ ମୁଖ୍ୟ ତଥା କର୍ମଶାଳାର ସଂଯୋଜକ ସୁଶା' ନାୟକ ପ୍ରାକ୍ ସୂଚନା ପ୍ରସାନ କରିଥିଲେ । ବ୍ରଜ ଷଡଙ୍ଗୀ, କେଶୁ ଦାସ, ନିତ୍ୟାନନ୍ଦ ସାହୁ, ମହେନ୍ଦ୍ର ନାଥ ଦଣ୍ଡପାଟ, ଧର୍ମପଦ ବିଶ୍ୱାଳ, ମରୁତ ରାଉତ, ମାନସ ପତି, ଅରୁଣ ଲେଙ୍କା,ମୁକ୍ତିକା' ନନ୍ଦୀ, କଲ୍ୟାଣ ବାରିକ, ଅରୁଣ ବାରିକ, ଦେବାଶିଷ ପତି, ଉପେନ୍ଦ୍ର ଗିରି, ରାକେଶ ନାଥ, ଔରାଶିଷ ସାହୁ, ପୂର୍ଣ୍ଣେନ୍ଦୁ ପତି, ଆଦିତ୍ୟ ଜେନା, ରୂପକ ଦାସ,ପୂଜା ମାଇତି, ଉତମ ମହାଲିକ, ଦୀନକୃଷ୍ଣ ଧଳ, ମ୍ରିନାଲ ମାଇତି ପ୍ରମୁଖ ଜଳରଙ୍ଗ କର୍ମଶାଳାରେ ଯୋଗ ଦେଇ ଦିନ ତମାମ ରଂଗ ତୁଳୀରେ ସୁନ୍ଦର ସୁନ୍ଦର ଚିତ୍ର ମାନ ଆଙ୍କିଥିଲେ । ଦିନ ୨ଟାରୁ କିଶୋର ବାଲୁକା ଶିଳ୍ପୀ ଅଙ୍କିତ ଦାସ ବାଲିରେ ସୁନ୍ଦର ଜଗନ୍ନାଥ ଗଢ଼ିଥିବା ବେଳେ କଳାଘୋଡ଼ା ଦେଶର କୁମ୍ଭକାର କାର୍ତିକ ବେହେରା କୁମ୍ଭାର ଚକରେ ଡିଆଁ ଘୋଡ଼ା ତିଆରି କରିଥିଲେ । ସେହିପରି ଜଉକଣ୍ଢେଇ କର୍ମଶାଳାରେ କନକଲତା ଦାସ, କବିତା ଦେ, ସୁକାଂ ସାହୁ, ପୁଷ୍ପିତା କରଣ, ଅନିତା ସିଂ ଓ ଜୁଲୀ ସିଂ ଯୋଗ ଦେଇ ସୁନ୍ଦର ସୁନ୍ଦର ଜଉକଣ୍ଢେଇ ମାନ ଗଢିଥିଲେ । କର୍ମଶାଳାରେ ଅଙ୍କିତ ଜଳରଂଗ ଚିତ୍ର ସବୁ ସର୍ବସାଧାରଣ ପାଇଁ ପ୍ରଦର୍ଶିତ ହୋଇଥିଲା । ବିଶିଷ୍ଟ ଚିତ୍ରଶିଳ୍ପୀ ଅଶୋକ ମହାଂ ଓ ଶିରିଶ ଚାନ୍ଦ କର୍ମଶାଳା ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ । ସନ୍ଧ୍ୟା ୫ଟାରେ ଶୀତ କବିତା ଆସରକୁ ଡ କବିତା ବାରିକ ସଭାପତିତ୍ୱ କରିଥିବା ବେଳେ କବି ଗଗନ ସେଠି ସଂଯୋଜନା କରିଥିଲେ । କବିତା ପାଠ ଉତ୍ସବରେ ଡ ଭାଗବତ ପ୍ରସାଦ ଦାସ, କବି ପ୍ରବୀର କମିଳା, ପ୍ରଭାକର ସାହୁ, ପ୍ରଦୀପ ମିଶ୍ର, ଗଂଗାଧର ଦାସ, ସିପ୍ରା ସାଗରିକା, ନରୋତମ ଦାସ, ଲିଙ୍ଗରାଜ ନାୟକ ପ୍ରମୁଖ କବିତା ପାଠ କରିଥିଲେ । ରତିକା' ବେହେରା, ଅମୂଲ୍ୟ ସାହୁ, ବିଶ୍ୱଜିତ ସାହୁ, ଚନ୍ଦ୍ରଶେଖର ପରିଡା ପ୍ରମୁଖ କର୍ମଶାଳାକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ ।

ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ଯୁବକ ଗୁରୁତର

ଧାମନଗର,୦୧।୦୧ (ନି.ପ୍ର): ଧାମନଗର- ଭଦ୍ରକ ରାସ୍ତାର ଗୁହାଳଡ଼ିହ ଠାରେ ଶୁକ୍ରବାର ଅପରାହ୍ନରେ ଏକ ମର୍ମନ୍ତୁଦ କାର ଦୁର୍ଘଟଣା ଘଟି ୪ଜଣ ଯୁବକ ଗୁରୁତର ଆହତ ହୋଇଥିବାବେଳେ ସଂକଟାପନ୍ନ ଅବସ୍ଥାରେ ୩ଜଣଙ୍କୁ କଟକ ବଡ .ଡ଼ାକ୍ତରଖାନାକୁ ପଠାଯାଇଛି । ଖବରନେବାରୁ ଜଣାଯାଇଛିଯେ ଧାମନଗର ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ସୁଭେନ୍ଦୁପାତ୍ର, ବାସୁଦେବ ସାହୁ, ଅର୍କଜ୍ୟୋତି ମହାନ୍ତି ଓ ବଣିଆ ସାହିର ଦେବାଶିଷ ପଣ୍ଡା ନାମକ ଚାରିଜଣ ଯୁବକ ନୂଆ ବର୍ଷରେ ବୁଲିବା ପାଇଁ ଧାମନଗରରୁ ଭଦ୍ରକ ଅଭିମୁଖେ ଯାଉଥିଲେ । ଦଅପରାହ୍ନ ପ୍ରାୟ ୫ଟା ସମୟରେ ଦ୍ରୁତ ବେଗରେ ଯାଉଥିବା କାରଟି କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ଗଛକୁ ଖୁବ୍‌ଜୋରରେ ଧକ୍କା ଦେଇଥିଲା । ଫଳରେ ଓଡ଼ି୨୨ପି ୫୩୭୬ ନଂମ୍ବର ଥିବା ବାଲେନୋ କାରଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା । ସେଥିରେ ଥିବା ଚାରିଜଣଙ୍କ ସମେତ ଚାରିଜଣ ଯୁବକ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକ ଆମ୍ବୁଲାନ୍ସ ଓ ଦମକଳ ସାହାଯ୍ୟରେ ଗୁରୁତର ଦୁଇଜଣ ଯୁବକଙ୍କୁ ଧାମନଗର ଡ଼ାକ୍ତରଖାନା ନେଇଥିବାବେଳେ ଅନ୍ୟ ଦୁଇଜଣଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ନେଇଥିଲେ । ଧାମନଗରରେ ଦୁଇ ଯୁବକଙ୍କୁ ପ୍ରାଥମିକ ଚିକିତ୍ସାପରେ ଭଦ୍ରକ ପଠାଯାଇଥିବାବେଳେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କ ମଧ୍ୟରୁ ୩ଜଣ ଯୁବକଙ୍କୁ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ଡ୍ରାଇଭର ଅର୍କଜ୍ୟୋତି ମହାନ୍ତି ଆହତ ହେଲେବି ତାଙ୍କ ଅବସ୍ଥା ଭଲଥିବା ଜଣାଯାଇଛି ।

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘପକ୍ଷରୁ ନୂଆବର୍ଷରେ ବନ୍ଧୁ ମିଳନ

ଧାମନଗର,୦୧।୦୧ (ନି.ପ୍ର): ଧାମନଗର ଫିଡ଼ର ପ୍ରାଥମିକ ବିଦ୍ୟାଳୟ ପରିସରରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ବନ୍ଧୁ ମିଳନ ଓ ସାଂଗଠନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସାମ୍ପ୍ରତିକ ସମୟରେ ଶିକ୍ଷକ, ଶିକ୍ଷା, ଶିକ୍ଷାୟତନର ସମସ୍ୟା ଉପରେ ଆଲୋକପାତ କରାଯିବା ସହ ଆସନ୍ତା ୭ତାରିଖ ଦିନ ସଂଘର ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ଆଲୋଚନା କରାଯାଇଥିଲା । ପ୍ରାରମ୍ଭରେ ଧାମନଗର ବ୍ଲକ ଶିକ୍ଷାଧିକାରୀ ପିତାମ୍ବର ବାରିକ, ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ, ଭୀମସେନ ହୋ, ସଂଘର ରାଜ୍ୟ ସଭାପତି ତ୍ରିଲୋଚନ ନାୟକ ଏବଂ ଜିଲ୍ଲା ସଭାପତି ଅଶୋକ ଦାସଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ଲକ ସଭାପତି ରାଜେନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ସମ୍ପାଦକ ଶରତଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ସଭାପତି ଅଭିମନ୍ୟୁ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ଅରୁଣ କୁମାର ଜେନା, ଶିକ୍ଷକ ଯତୀନ୍ଦ୍ର କୁମାର ସେନାପତି, ନିରାକାର ରାଉତ, ଉମାକାନ୍ତ ବେହେରା, ଦିଲ୍ଲିପ କୁମାର ଜେନା, ବାସୁଦେବ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

କୋଭିଡ କଟକଣାରୁ ଫିକା ନୂଆବର୍ଷ

ବାଲେଶ୍ୱର,୦୧।୦୧ (ନି.ପ୍ର): ମହାମାରୀ କରୋନା ଯୋଗୁଁ ବିଶ୍ୱରେ ସାମାଜିକ, ଆର୍ଥିକ ଓ ସାଂସ୍କୃତି କ୍ଷେତ୍ର ସମେତ ଦୀର୍ଘ ୯ ମାସ ଧରି ପ୍ରଭାବିତ ହୋଇ ଚାଲିଛି ପ୍ରତ୍ୟେକ ପର୍ବପର୍ବାଣୀ ତଥା ଉତ୍ସବ । ଏମିତିକି କୋଭିଡ କଟକଣା ଯୋଗୁଁ ୨୦୨୧ନୂଆବର୍ଷ ପାଳନରୁ ବି ନିବୃତ ହୋଇଛନ୍ତି ସବୁ ବର୍ଗର ଲୋକ । କରୋନାର ସମ୍ଭାବ୍ୟ ଭୟାବହତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ ୩୧ ତାରିଖର ଜିରୋ ନାଇଟ୍ ସେଲିବ୍ରେସନ ଉପରେ ଅଙ୍କଶ ଲାଗିଥିଲା । ଏଥି ସହିତ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର ମଧ୍ୟ ନୂଆବର୍ଷ ଶୁଭେଚ୍ଛା ଜଣାଇବାରେ ବ୍ୟକ୍ତିଗତ ସାକ୍ଷାତ ନ କରିବାକୁ ପରାମର୍ଶ ଦେଇଥିଲେ । ସେହି ଅନୁସାରେ ବାଲେଶ୍ୱର ସହରରେ ସାମୂହିକ ଭାବେ ନୂଆବର୍ଷ ପାଳନ ଓ ଶୁଭେଚ୍ଛା ପ୍ରଦାନ କାର୍ଯ୍ୟକ୍ରମ ଦେଖିବାକୁ ମିଳିନାହିଁ । ଅନ୍ୟପକ୍ଷରେ ୧ ତାରିଖ ସକାଳେ ସହରର ଦେବାଦେବୀ ମନ୍ଦିରମାନଙ୍କରେ ପୂଜାର୍ଚ୍ଚନା କରୁଥିବା ଲକ୍ଷ୍ୟ କରାଯାଇଥିଲା । ୨୦୨୦ ମସହା ଭଳି କରୋନା ସ୍ଥିତି ଆଉ ନ ଆସୁ ଏବଂ ୨୦୨୧ ସମସ୍ତଙ୍କ ପାଇଁ ମଙ୍ଗଳମୟ ବର୍ଷ ହେଉ ବୋଲି ଶ୍ରଦ୍ଧାଳୁମାନେ କାମନା କରିଥିଲେ । ତେବେ ବାଲେଶ୍ୱରର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଚାନ୍ଦିପୁର ଓ ତାଳସାରୀ ବେଳାଭୂମି, ପଞ୍ଚୁଲିଙ୍ଗେଶ୍ୱର ପ୍ରଭୃତି ସ୍ଥାନରେ କାଁ ଭାଁ ଲୋକେ ପିକନିକ କରିଥିଲେ । ତେବେ ବଣଭୋଜିରେ ଯେପରି କୋଭିଡ କଟକଣା ପାଳନ ଓ ଶାନ୍ତିଶୃଙ୍ଖା ରକ୍ଷାକୁ ନେଇ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

ପଥ ବିକ୍ରେତା ସଂଘ ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର

ବାଲେଶ୍ୱର,୦୧।୦୧ (ନି.ପ୍ର): ନୂଆବର୍ଷ ଅବସରରେ ଓଡ଼ିଶା ପଥ ବିକ୍ରେତା ସଂଘର ବାଲେଶ୍ୱର ଟାଉନ ଶାଖା ପକ୍ଷରୁ ପ୍ରତିବର୍ଷ ଭଳି ଗରିବ ଅସହାୟ ଲୋକଙ୍କୁ ଶୀତବସ୍ତ୍ର ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି । ସଂଗଠନର ସମ୍ପାଦକ ମହିନିମୋହନ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହରର ସିନେମାଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସହରର ଗରିବ ଅସହାୟ ବର୍ଷିୟାନ ମହିଳା ଓ ପୁରୁଷଙ୍କୁ ଶୀତବସ୍ତ୍ର ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା । ଦୀର୍ଘ ୩ ବର୍ଷ ଧରି ଏହିଭଳି କାର୍ଯ୍ୟକ୍ରମ ହୋଇ ଆସୁଥିବା ନେଇ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି । ବିଶେଷ କରି ସଂଗଠନ ପକ୍ଷରୁ ପୂର୍ବରୁ ହେଉଥିବା ବାର୍ଷିକ ପିକନିକ୍‌କୁ ବନ୍ଦ କରି ସେହି ଅର୍ଥରେ ଗରିବଙ୍କୁ ଏହି ସହାୟତା ଦିଆହୋଇ ଆସୁଛି ବୋଲି ସେ କହିଛନ୍ତି । ତେବେ ସଂଗଠନ ପକ୍ଷରୁ ସବୁକ୍ଷେତ୍ରରେ ସରକାରଙ୍କୁ ସହଯୋଗ କରାଯାଉଥିଲେ ବି ପୌର ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଚିତ ନ୍ୟାୟ ମିଳୁ ନଥିବା ପଥବିକ୍ରେତା ସଂଘର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି । ସହ-ସମ୍ପାଦକ ଆବିଦ୍ ଖାଁ, ପୂର୍ଣ୍ଣଚନ୍ଦ୍ର ଦାସ, ରାଜେଶ ସିଂ, ଅମିତ ମାଝୀ, ବଳରାମ ପୃଷ୍ଟି, ଦୀନବନ୍ଧୁ ସାହୁ, ମନୋଜ ରାଠୋର, ଟିପିରି ସିଂ ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ । ପଥ ବିକ୍ରେତା ସଂଘର ଏତାଦୃଶ କାର୍ଯ୍ୟକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି ।

ବିଧାନସଭା ଗୃହ ବିବରଣୀ ପୁସ୍ତିକା ବାଚସ୍ପତିଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର,୦୧।୦୧ (ନି.ପ୍ର): ବିଧାନସଭା ଗୃହ ବିବରଣୀ ପୁସ୍ତିକା ଶୁକ୍ରବାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ବାଚସ୍ପତିଙ୍କ କକ୍ଷରେ ଉନ୍ମୋଚିତ ହୋଇଯାଇଛି । ବିଧାନସଭା ଗୃହ ବିବରଣୀ କେବଳ ବିଧାନସଭାର ନୁହେଁ ବରଂ ରାଜ୍ୟର ଏକ ଅମୂଲ୍ୟ ସଂପଦ ବୋଲି ବାଚସ୍ପତି ଡ. ପାତ୍ର ଅଭିହିତ କରିବା ସହ ସଭ୍ୟମାନେ ପବିତ୍ର ଗୃହରେ ଜନସାଧାରଣଙ୍କ ସମସ୍ୟା ଓ ତା'ର ସମାଧାନ ସଂକ୍ରାନ୍ତରେ ପ୍ରଦାନ କରୁଥିବା ମତାମତ ଓ ପରାମର୍ଶ ଭବିଷ୍ୟତ ପାଇଁ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହୋଇ ରହିବ ବୋଲି କହିଛନ୍ତି । ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ଷୋଡ଼ଶ ବିଧାନସଭାର ଚତୁର୍ଥ ଅଧିବେଶନଠାରୁ ଆରମ୍ଭ କରି ବିଧାନସଭାର ସମସ୍ତ ବିବରଣୀ ପୁସ୍ତିକା ଆକାରରେ ପ୍ରକାଶ କରିବା ପାଇଁ ଶ୍ରୀ ଦେବାନନ୍ଦ ଦୋରା, ବିଧାନସଭା ଯୁଗ୍ମ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ଚଳିତ ବିଧାନସଭାର ଚତୁର୍ଥ ଅଧିବେଶନର ପ୍ରଥମ ଦୁଇଦିନ ଯଥା ୨୯/୦୯/୨୦୨୦ ଏବଂ ୩୦/୦୯/୨୦୨୦ର ଗୃହ ବିବରଣୀ ପୁସ୍ତିକା ଆକାରରେ ପ୍ରକାଶିତ ହୋଇଛି । ଏହି ପୁସ୍ତିକା ପ୍ରକାଶନରେ ବିଧାନସଭାରେ କାର୍ଯ୍ୟରତ ଯୁଗ୍ମ ସଚିବ ବିବରଣୀ ପ୍ରଭାତ କୁମାର ସ୍ୱାଇଁ, ବସନ୍ତ କୁମାର ରାଉତ, ରିପୋର୍ଟର ନିରଞ୍ଜନ କର, ଦିଲ୍ଲୀପ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ମଧୁସୂଦନ ସାହୁ, ଭବାନୀପ୍ରସାଦ ପାଟଯୋଷୀ, ଶୁଭେନ୍ଦୁ କୁମାର ମିଶ୍ର ସହଯୋଗ କରିଥିଲେ । ନେଭା ସେଲ୍‌ରେ କାର୍ଯ୍ୟରତ ସୌଭେନ୍ଦ୍ର କୁମାର ମିଶ୍ର, ବିଶ୍ୱଜିତା ବେହେରା, ଶ୍ରୀପଦା ସ୍ୱାଇଁ, ରାହୁଲ ବୈଦ୍ୟ ବୈଷୟିକ ସହଯୋଗ ପ୍ରଦାନ କରିଥିଲେ ।

ପରିଚୟ ଗୃହ ଓ ଶିଶୁ ଆମୋଦ ପ୍ରମୋଦ କେନ୍ଦ୍ର ଜିଲ୍ଲାପାଳଙ୍କ ଦ୍ୱାରା ଉଦଘାଟିତ

ବାରିପଦା, ୦୧।୦୧ (ନି.ପ୍ର): ବାରିପଦା ପୌରାଂଚଳର ୨୨ ନମ୍ବର ୱାର୍ଡର ଲିଙ୍ଗରାଜ ପଲ୍ଲୀ ଠାରେ ତା.୧.୧.୨୦୨୧ ରିଖ ପୂର୍ବାହ୍ଣରେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଭା.ପ୍ର.ସେ. ଙ୍କ ଦ୍ୱାରା ୟୁଡବ୍ଲ୍ୟୁଆଇ ଯୋଜନାରେ ନବନିର୍ମିତ ମାଇକ୍ରୋ ଏକଟିଭିଟିଜ ପରିଚୟ ଗୃହ ଏବଂ ଶିଶୁ ଆମୋଦ ପ୍ରମୋଦ କେନ୍ଦ୍ର ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ ହୋଇଯାଇଛି । ବାରିପଦା ଉପଜିଲ୍ଲାପାଳ ତଥା ବାରିପଦା ପୌରପରିଷଦର ନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡି ଭା.ପ୍ର.ସେଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୌରପାଳିକାର କମୁନିଟି ଅର୍ଗାନାଇଜର ତାରାମଣି ମହାନ୍ତି, ୱାର୍ଡ ଅଧିକାରୀ ରବିନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମୋଟ ୫ଲକ୍ଷ ୪୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଫଳରେ ସ୍ଥାନୀୟ ବସ୍ତି ବାସିନ୍ଦାଙ୍କ ସାମୁହିକ ବା ଗୋଷ୍ଠୀଗତ କାର୍ଯ୍ୟ ଅନୁଷ୍ଠିତ ହେବା ସହିତ ପିଲା ମାନଙ୍କର ଶାରିରିକ ଓ ମାନସିକ ବିକାଶ ପାଇଁ ଖେଳକୁଦ ସରାମ ଆଦି ସୁବ୍ୟବସ୍ଥିତ ଭାବରେ ରହିଛି । ଏହାଦ୍ୱାରା ବିଶେଷ କରି ବସ୍ତି ଅଂଚଳର ଜନସାଧାରଣଙ୍କ ସାମୁହିକ ଭାବରେ ନିଜର କାର୍ଯ୍ୟ ସମ୍ପାଦନ କରି ଅର୍ଥନୈତିକ ଓ ସାମାଜିକ ଓ ସାଂସ୍କୃତିକ ଅବସ୍ଥାରେ ସୁଧାର ଆଣିପାରି